Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

+Vol - 22+ Issue No:30+20 May 2026 (Wednesday) + Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୩୦+୨୦ ମେ ୨୦୨୬ (ବୁଧବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬

ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ଇଏସ୍ଆଇ ମେଡିକାଲ କଲେଜ

ଭୁବନେଶ୍ୱର,୧୯/୫(ନି/ପ୍ର): ଭୁବନେଶ୍ୱରର ଅନ୍ଧାରୁଆଠାରେ ଇଏସ୍ଆଇ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଗତକାଲି (ସୋମବାର) ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଏବଂ ଭାରତ ସରକାରଙ୍କ କର୍ମଚାରୀ ରାଜ୍ୟ ବୀମା ନିଗମ (ଇ.ଏସ୍.ଆଇ.ସି) ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଏହି ପ୍ରକଳ୍ପର ସ୍ଥାୟୀ ଭିତିଭୂମି ଅନ୍ଧାରୁଆଠାରେ ନିର୍ମାଣ ହେବ। ମେଡିକାଲ କଲେଜର କାର୍ଯ୍ୟକୁ ତୁରନ୍ତ ଆରମ୍ଭ କରିବା ପାଇଁ ବର୍ତ୍ତମାନ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ସ୍ଥିତ ଇ.ଏସ୍.ଆଇ ହସ୍ପିଟାଲକୁ ବ୍ୟବହାର କରାଯିବ। ଏଥିପାଇଁ ଶ୍ରମ ବିଭାଗ ପକ୍ଷରୁ ଉକ୍ତ ହସ୍ପିଟାଲକୁ ଆନୁଷ୍ଠାନିକ ଭାବେ କର୍ମଚାରୀ ରାଜ୍ୟ ବୀମା ନିଗମଙ୍କୁ ହସ୍ତାନ୍ତର କରାଯାଇଛି। ଏହି ନୂତନ ମେଡିକାଲ କଲେଜ ପ୍ରତିଷ୍ଠା ଦ୍ୱାରା ଆଗାମୀ ଦିନରେ ରାଜ୍ୟର ଶ୍ରମିକ ଓ ବୀମାଭୁକ୍ତ କର୍ମଚାରୀମାନେ ଅତ୍ୟାଧୁନିକ ଚିକିତ୍ସା ସେବା ପାଇପାରିବେ। ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମ ଭୁବନେଶ୍ୱର ସ୍ଥିତ ଖାରବେଳ ଭବନର ୫ମ ମହଲା ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। ଓଡ଼ିଶା ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଆରୁମୁଗମଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ପକ୍ଷରୁ ଅତିରିକ୍ତ ଶାସନ ସଚିବ ରାଜେଶ କୁମାର ଅଗ୍ରୱାଲ, ଇ.ଏସ୍.ଆଇ ସ୍କିମର ନିର୍ଦ୍ଦେଶିକା ମଧୁମିତା ନାୟକ, ଯୁଗ୍ମ ନିର୍ଦ୍ଦେଶକ ଡ ସୂର୍ଯ୍ୟନାରାୟଣ ପାଢ଼ୀ ଏବଂ ଚନ୍ଦ୍ରଶେଖରପୁର ଇ.ଏସ୍.ଆଇ ହସ୍ପିଟାଲର ଅଧୀକ୍ଷକ ଡ ଅମୀୟ କୁମାର ସାମଲ, ଇ.ଏସ୍.ଆଇ.ସି ପକ୍ଷରୁ ଇଷ୍ଟ ଜୋନର ମେଡିକାଲ କମିଶନର ଡ ରଚିତା ବିଶ୍ୱାସ, ଭୁବନେଶ୍ୱର ଆଚଂଳିକ କାର୍ଯ୍ୟାଳୟର ଆଚଂଳିକ ନିର୍ଦ୍ଦେଶକ ରୁଦ୍ରଦୀପ ଦତ, ରାଜ୍ୟ ମେଡିକାଲ ଅଫିସର ଡ ଆଭା ତିର୍କୀ ଏବଂ ଏକ୍ଜିକ୍ୟୁଟିଭ ଇଞ୍ଜିନିୟର (ଭାରପ୍ରାପ୍ତ) ସନ୍ଦୀପ ଗୋଏଲ ପ୍ରମୁଖ ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ।

ଆମେରିକାର ସାନ ଡିଏଗୋରେ ବର୍ବରକାଣ୍ଡ:

ମସଜିଦ ବାହାରେ ଆଖିବୁଜା ଗୁଳିମାଡ଼, ସୁରକ୍ଷାକର୍ମୀଙ୍କ ସମେତ ୫ ମୃତ

ନୂଆଦିଲ୍ଲୀ/ୱାଶିଂଟନ, ୧୯।୫: ଆମେରିକାରୁ ଏକ ଚାଂଚଲ୍ୟକର ଖବର ସାମନାକୁ ଆସିଛି । କାଲିଫର୍ଣ୍ଣିଆର ସାନ ଡିଏଗୋ ସହରରେ ଥିବା ଏକ ପ୍ରସିଦ୍ଧ ଇସଲାମିକ ସେଂଟର, ମସଜିଦ ପରିସର ବାହାରେ ଦିନ ଦ୍ୱିପ୍ରହରରେ ଏକ ଭୟାବହ ଗୁଳିକାଣ୍ଡ ଘଟିଛି । ଦୁଇଜଣ ସନ୍ଦିଗ୍ଧ ବନ୍ଧୁକଧାରୀଙ୍କ ଦ୍ୱାରା ହୋଇଥିବା ଏହି ଆଖିବୁଜା ଗୁଳିମାଡ଼ରେ ମସଜିଦର ଜଣେ ସୁରକ୍ଷାକର୍ମୀଙ୍କ ସମେତ ୩ ଜଣ ନିରୀହ ଲୋକଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି । ତେବେ ଏହି ରକ୍ତାକ୍ତ କାଣ୍ଡ ଭିଆଇବା ପରେ ଉଭୟ ଆକ୍ରମଣକାରୀ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି । ଏହି ଆତ୍ମଘାତୀ ଆକ୍ରମଣକୁ ମିଶାଇ ସମୁଦାୟ ୫ ଜଣଙ୍କର ମୃତ୍ୟୁ ଘଟିଥିବା ପୁଲିସ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ।ସ୍ଥାନୀୟ ସାନ ଡିଏଗୋ କାଉଟିଂ ପୋଲିସ ଏବଂ ତଦନ୍ତକାରୀ ସଂସ୍ଥାର ସୂଚନା ଅନୁଯାୟୀ, ଗତକାଲି ମଧ୍ୟାହ୍ନ ସମୟରେ ଯେତେବେଳେ ମସଜିଦ ପରିସରରେ ନମାଜୀ ଏବଂ ଶିକ୍ଷାର୍ଥୀଙ୍କ ବେଶ ଚହଳଚହଳ ଥିଲା, ସେତିକିବେଳେ ହଠାତ୍ ଗୁଳିଫୁଟିବା ଆରମ୍ଭ ହୋଇଥିଲା । ଦୁଇଜଣ ସନ୍ଦିଗ୍ଧ ଯୁବକ ସେଠାରେ ପହଚିଂ ଅତର୍କିତ ଭାବେ ଗୁଳିବର୍ଷଣ କରିଥିଲେ । ଗୁଳିମାଡ଼ର ଶବ୍ଦ ଶୁଣି ମସଜିଦ ମଧ୍ୟରେ ଉପାସନା କରୁଥିବା ନମାଜୀ ଏବଂ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା । ନିଜ ଜୀବନ ବଚାଂଇବା ପାଇଁ ଲୋକେ ଏପଟସେପଟ ଦୌଡ଼ିବାକୁ ଲାଗିଥିଲେ । ଘଟଣାର ସୂଚନା ପାଇବା ମାତ୍ରେ ଆମେରିକୀୟ ପୁଲିସ ବାହିନୀ ଏବଂ ସ୍ୱାତ (ଝଡଇଞ୍ଜ) ଟିମ୍ ସମ୍ପୂର୍ଣ୍ଣ ଅଚଂଳକୁ ଘେରି ଯାଇଥିଲେ ଓ ଏକ ବଡ଼ ଧରଣର ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ ।

ଆମେରିକାର ଦୁଇଟି ଲଢୁଆ ଜେଟ୍ ଧ୍ୱଂସ

ୱାଶିଂଟନ,୧୯/୫,: ଆମେରିକାର ଇଦାହୋ ସହରସ୍ଥିତ ମାଉଟେଂନ ହୋମ୍ ବାୟୁସେନା ଘାଟିରେ ରବିବାର ଏୟାର ଶୋ’ ଚାଲିଥିବାବେଳେ ବାୟୁସେନାର ଦୁଇଟି ଲଢୁଆ ଜେଟ୍ ମଧ୍ୟରେ ଧକ୍କା ହୋଇ ଦୁଇଟି ବିମାନ ଆକାଶମାର୍ଗରେ ଧ୍ୱଂସ ହୋଇଥିବା ଜଣାପଡିଛି। ତେବେ ଦୁଇଟି ଜେଟ୍‌ର ଚାରିଜଣ ପାଇଲଟ ଆକାଶଛତା ସାହାଯ୍ୟରେ ପ୍ରାଣ ବଚାଂଇଥିବା କୁହାଯାଇଛି। ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିବା ଭିଡିଓ ଅନୁଯାୟୀ ଦୁର୍ଘଟଣା ପରେ ଇଦାହୋ ସହରର ଆକାଶ କଳା ଧୂଆଁରେ ଆଚ୍ଛାଦିତ ହୋଇପଡିଥିଲା। ଦୁର୍ଘଟଣା ପରେ ଏୟାର ଶୋ’କୁ ବାତିଲ କରାଯାଇଥିଲା। ପୁଲିସ ଉକ୍ତ ଅଚଂଳକୁ ସିଲ୍ କରି ତଦନ୍ତ ଆରମ୍ଭ କରିଛି। ପୂର୍ବରୁ ୨୦୦୩ ଓ ୨୦୧୮ରେ ଏହି ବାୟୁସେନା ଘାଟିରେ ଦୁଇଥର ବିମାନ ଦୁର୍ଘଟଣା ଘଟିଥିବା କୁହାଯାଇଛି। ଫଳରେ ଏଠାରେ ଏୟାର ଶୋ’କୁ ଆଠ ବର୍ଷ ପାଇଁ ବାତିଲ କରାଯାଇଥିଲା।

ମୋହନଙ୍କ ମନ୍ତ୍ରିମଣ୍ଡଳର ହେବ ସଂପ୍ରସାରଣ, ସ୍ଥାନ ପାଇବେ ନୂଆ ମୁହଁ

ଭୁବନେଶ୍ୱର, ୧୯/୫(ନି/ପ୍ର): ରାଜ୍ୟରେ ଖୁବଶୀଘ୍ର ହେବ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ। ମୋହନଙ୍କ ଟିମ୍‌ରେ ସ୍ଥାନ ପାଇବେ ନୂଆ ମୁହଁ। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ସୋମବାର ଦିନିକିଆ ଓଡ଼ିଶା ଗସ୍ତରେ ଆସି ଏନେଇ ମନ୍ତ୍ରୀ ଏବଂ ବରିଷ୍ଠ ନେତାଙ୍କ ସହ ପୃଥକ ମିଟିଂ କରିଥିଲେ। କୋର୍ କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ। ଏନେଇ ବିଜେପି ସାଂସଦ ନବ ଚରଣ ମାଝୀ ସୂଚନା ଦେଇଛନ୍ତି। ସୂଚନା ଥାଉକି, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ସୋମବାର ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିଲେ।

ଲଗାତାର ୩ ଦିନ ଧରି ଟ୍ରେନ୍ ଦୁର୍ଘଟଣା:

ଋଷିକେଶରେ ଟଳିଲା ଏକ ବଡ଼ ଅଘଟଣ

ଉଜ୍ଜୟିନୀ,୧୯/୫: ଦେଶରେ ଲଗାତାର ତିନିଦିନ ଧରି ଟ୍ରେନ୍ ଦୁର୍ଘଟଣା ଘଟିବାରେ ଲାଗିଛି। ଋଷିକେଶର ଯୋଗନଗରୀ ରେଳ ଷ୍ଟେସନରେ ମଙ୍ଗଳବାର ସକାଳେ ଉଜ୍ଜୟିନୀ ଏକ୍ସପ୍ରେସ୍ ଏହାର ପରବର୍ତ୍ତୀ ଯାତ୍ରା ପାଇଁ ପ୍ରସ୍ତୁତ ହେଉଥିଲା। ଷ୍ଟେସନରୁ ଅଳ୍ପ ଦୂରରେ, ଖଣ୍ଡ ଗାଁ ନିକଟରେ ପୂର୍ବାହ୍ନ ସାଢ଼େ ୯ଟା ସମୟରେ ରକ୍ଷଣାବେକ୍ଷଣ ୟାର୍ଡରେ ଟ୍ରେନ୍‌କୁ ଅଟକାଯାଇଥିଲା। ଟ୍ରେନକୁ ସଫା କରିବା, ରକ୍ଷଣାବେକ୍ଷଣ କରିବା ଏବଂ ପୁନଃପଥ ପରିବର୍ତ୍ତନ କରିବା ପାଇଁ ୟାର୍ଡକୁ ସ୍ଥାନାନ୍ତରିତ କରାଯାଇଥିଲା। ହଠାତ୍ ଖାଲି ଟ୍ରେନ୍‌ଟି ଗତି ଉପରେ ନିୟନ୍ତ୍ରଣ ହରାଇ ଲାଇନଚ୍ୟୁତ ହୋଇଥିଲା। ଏହା ଦ୍ୱାରା ୩ ବଗି କ୍ଷତିଗ୍ରସ୍ତ ହୋଇଛି। ଟ୍ରେନ୍‌ର ବେଗ ଏତେ ଅଧିକ ଥିଲା ଯେ ଏହା ୱାସିଂ ଲାଇନର ଶେଷ ଭାଗରେ ଥିବା ବଫର ଷ୍ଟପ୍ ଭେଦ କରିଦେଇଥିଲା। ତିନିଟି କୋଚ୍ ଲାଇନଚ୍ୟୁତ ହୋଇଥିଲା। ଗୋଟିଏ କୋଚ୍ ପାଖରେ ଥିବା ଏକ ଭାରୀ ବିଦ୍ୟୁତ୍ ଖୁଟଂ ସହିତ ଏତେ ଜୋରରେ ଧକ୍କା ହୋଇଥିଲା ଯେ, କୋଚ୍‌ର କିଛି ଅଂଶ ଭାଙ୍ଗିରୁଜି ଯାଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ପାଖରେ ଥିବା ଗାଁ ଲୋକ ମଧ୍ୟ ଭୟଭୀତ ହୋଇଯାଇଥିଲେ। ଆଶ୍ୱସ୍ତିର କଥା ହେଉଛି, ଟ୍ରେନ୍ ?ଟି ସମ୍ପୂର୍ଣ୍ଣ ଖାଲି ଥିଲା। କୋଚ୍ ଭିତରେ କୌଣସି ଯାତ୍ରୀ କିମ୍ବା କର୍ମଚାରୀ ନଥିଲେ, ନଚେତ୍ ଏହି ଘଟଣା ଏକ ବଡ଼ ମାନବିକ ଦୁଃଖଦ ଘଟଣା ପାଲଟିଥାନ୍ତା ବୋଲି କୁହାଯାଉଛି। ଦୁର୍ଘଟଣାର ଖବର ପାଇବା ମାତ୍ରେ ରେଳବାଇ ପୁଲିସ, ରେଳବାଇ ସୁରକ୍ଷା ବଳ ଏବଂ ସ୍ଥାନୀୟ ପୁଲିସର ଦଳ ତୁରନ୍ତ ଘଟଣାସ୍ଥଳରେ ପହଚିଂ ଥିଲେ।

ଟ୍ରମ୍ପଙ୍କ ପରେ ଏବେ ପୁଟିନଙ୍କ ବେଜିଂ ଗସ୍ତ: ଚୀନ୍ ପାଲଟୁଛି ବିଶ୍ୱ ମଧ୍ୟସ୍ଥି

ବେଜିଂ,୧୯/୫: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚୀନ୍ ଗସ୍ତର ତୁରନ୍ତ ପରେ, ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ବେଜିଂରେ ପହଚୁଂଛନ୍ତି। ମେ’ ୧୯ ଏବଂ ୨୦ରେ ପୁଟିନ୍‌ଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଦୁଇଦିନିଆ ଗସ୍ତ ୱାଶିଂଟନ୍ ଏବଂ ପଶ୍ଚିମ ଦେଶଗୁଡ଼ିକୁ ଏକ ସିଧାସଳଖ ବାର୍ତ୍ତା ଯେ, ଚାପ ସତ୍ତ୍ୱେ ସେମାନଙ୍କର ସହଭାଗୀତା ଅକ୍ଷୁର୍ଣ୍ଣ ରହିଛି। କ୍ରେମଲିନ୍ ଏହା ମଧ୍ୟ ସ୍ପଷ୍ଟ କରିଛି, ଏହି ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଗସ୍ତରୁ ସକାରାତ୍ମକ ଆଶା ଅଛି। ଉଭୟ ଦେଶ ଏବେ ସେମାନଙ୍କର ସୁବିଧାପ୍ରାପ୍ତ ସହଭାଗୀତାକୁ ଏକ ସମ୍ପୂର୍ଣ୍ଣ ନୂତନ ଏବଂ ବୃହତ ସ୍ତରକୁ ନେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଗତ କିଛି ବର୍ଷ ମଧ୍ୟରେ ପୁଟିନ ଏବଂ ସି ଜିନପିଙ୍ଗ ୪୦ ରୁ ଅଧିକ ଥର ସାକ୍ଷାତ କରିଛନ୍ତି। ଏହି ଗସ୍ତ ଏପରି ଏକ ସମୟରେ ହେଉଛି ଯେତେବେଳେ ୟୁକ୍ରେନ ଯୁଦ୍ଧ ଯୋଗୁଁ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷ ଉପରେ କଠୋର ଆର୍ଥିକ କଟକଣା ଲଗାଇଛନ୍ତି। ପୁଟିନଙ୍କ ଏହି ବିଶେଷ ଗସ୍ତ ଦୁଇ ଦେଶ ମଧ୍ୟରେ ଐତିହାସିକ ବନ୍ଧୁତା ଚୁକ୍ତିର ୨୫ ତମ ବାର୍ଷିକୀରେ ହେଉଛି। ଯାହାର ମୂଳଦୁଆ ପୁଟିନ, ଚୀନ୍ ରାଷ୍ଟ୍ରପତି ଜିଆଙ୍ଗ ଜେମିନଙ୍କ ସହିତ ୨୦୦୧ ମସିହାରେ ଦୃଢ଼ ଭାବରେ ସ୍ଥାପନ କରିଥିଲେ। ରୁଷ ଏବଂ ଚୀନ୍ ମଧ୍ୟରେ ଏହି ବନ୍ଧୁତା ସମୟୋଚିତ, ଏହା ପ୍ରମାଣ କରୁଛି ଯେ ସେମାନେ ସଙ୍କଟ ସମୟରେ ଏକଜୁଟ ହୋଇଛନ୍ତି। ଟ୍ରମ୍ପଙ୍କ ଗସ୍ତ ପରେ, ଏହି ଗସ୍ତ ଦର୍ଶାଉଛି ଯେ ଉଭୟ ଦେଶ ବିଶ୍ୱ ମଚଂରେ ପରସ୍ପର ପଛରେ ଦୃଢ଼ ଭାବରେ ଠିଆ ହୋଇଛନ୍ତି। ରୁଷର ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭରୋଭ୍ ସ୍ପଷ୍ଟ ଭାବରେ କହିଛନ୍ତି , ସେମାନେ କେବେ ବିଭାଜନ କରି ଏବଂ ଶାସନ କର ନୀତି ଗ୍ରହଣ କରିବେ ନାହିଁ। ଚୀନ୍ ନିଜର କୂଟନୀତି ମାଧ୍ୟମରେ ପ୍ରତ୍ୟେକ ସୁଯୋଗରେ ପ୍ରଦର୍ଶନ କରିଛି ଯେ ଗ୍ଲୋବାଲ୍ ସାଉଥ୍‌ର ପ୍ରଭାବ ନିରନ୍ତର ବୃଦ୍ଧି ପାଉଛି। ଟ୍ରମ୍ପଙ୍କ ଗସ୍ତ ପରେ, ଚୀନ୍ ଦୃଷ୍ଟିକୋଣରେ ଯଥେଷ୍ଟ ଶକ୍ତିଶାଳୀ ଦେଖାଯାଇଛି, ଯାହା ପାଶ୍ଚାତ୍ୟ ଦେଶଗୁଡ଼ିକୁ ଏକ ଦୃଢ଼ ପ୍ରତିରୋଧ ପ୍ରଦାନ କରୁଛି। ଚୀନ୍ ଏବେ ବିଶ୍ୱର ସର୍ବବୃହତ ବିଶ୍ୱ ମଧ୍ୟସ୍ଥି ଏବଂ ଏକ ନୂତନ ଶକ୍ତି କେନ୍ଦ୍ର ଭାବରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ପ୍ରତିଷ୍ଠିତ କରିଛି।

ଏକ ହାଇ-ପ୍ରୋଫାଇଲ୍ ରୁଷିଆ ପ୍ରତିନିଧି ଦଳ ବେଜିଂ ଯାଉଛନ୍ତି। କ୍ରେମଲିନ୍ ମୁଖପାତ୍ର ଦିମିତ୍ରୀ ପେସକୋଭ୍ ଜୋର ଦେଇ କହିଛନ୍ତି, ରୁଷ ଏବଂ ଚୀନ୍ ମଧ୍ୟରେ ସମ୍ପର୍କ ଏବେ ଏକ ନୂତନ ସୋପାନରେ ପହଚିଂଛି। ପୁଟିନ୍‌ଙ୍କ ସହିତ ଏକ ବଡ଼ ଏବଂ ଅତ୍ୟନ୍ତ ଉଚ୍ଚସ୍ତରୀୟ ରୁଷିଆ ପ୍ରତିନିଧିମଣ୍ଡଳୀ ବେଜିଂରେ ଅଛନ୍ତି, ଯେଉଁଥିରେ ଅନେକ ଉପପ୍ରଧାନମନ୍ତ୍ରୀ ଏବଂ ପ୍ରମୁଖ କମ୍ପାନିର ମୁଖ୍ୟ ସାମିଲ ଅଛନ୍ତି, ଯେଉଁମାନେ ରଣନୈତିକ ସମ୍ପର୍କକୁ ଉନ୍ନତ କରିବେ। ପୁଟିନଙ୍କ ଗସ୍ତ ସ୍ପଷ୍ଟ ଭାବରେ ଆମେରିକା ଏବଂ ଏହାର ସହଯୋଗୀମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଏବଂ ରଣନୈତିକ ଆଘାତ। ଏନେଇ ୱାସିଂଟନର ଚିନ୍ତା ବଢ଼ିବାରେ ଲାଗିଛି। ବିଶ୍ୱ କୂଟନୀତି ଆଉ କେବଳ ଆମେରିକାର ଇଚ୍ଛା ଦ୍ୱାରା ପରିଚାଳିତ ହେବ ନାହିଁ, ବରଂ ଏହି ନୂତନ ମେଚଂ ଦ୍ୱାରା ପରିଚାଳିତ ହେବ। ଚୀନ୍ ଏବଂ ରୁଷର ମିଳିତ ପ୍ରଭାବ ଏବେ ବିଶ୍ୱ ରାଜନୀତି ପାଇଁ ଏକ ସମ୍ପୂର୍ଣ୍ଣ ନୂତନ ଏବଂ ଗୁରୁତ୍ୱପୂର୍ଣ୍ଣ ଦିଗ ଗଠନ କରୁଛି। ଚୀନ୍ ଏବେ ବିଶ୍ୱସ୍ତରରେ ମଧ୍ୟସ୍ଥି ପାଲଟିଛି।

ସଂଗଠନକୁ ବଳ ଦେଲେ ନିତିନ ନବୀନ: ଦିନତମାମ ସାଂଗଠନିକ କସରତ

ଭୁବନେଶ୍ୱର,୧୯/୫(ନି/ପ୍ର): ବିଜେପିର ରାଷ୍ଟ୍ରୀୟ ସଭାପତି ନିତିନ ନବୀନ ଆଜି ଦିନତମାମ ଭୁବନେଶ୍ୱରରେ ମାରାଥନ୍ ବୈଠକ କରିଛନ୍ତି। ସକାଳୁ ସକାଳୁ ଆରମ୍ଭ ହୋଇଥିବା ତାଙ୍କ କାର୍ଯ୍ୟକ୍ରମ ରାତି ଯାଏଁ ଚାଲିଥିଲା। ଦିନତମାମ ସାଂଗଠନିକ କସରତ ଚଳାଇ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ବର୍ଗର କର୍ମକର୍ତ୍ତା ଓ ଜନପ୍ରତିନିଧିଙ୍କ ସହ ବୈଠକ କରି ଦଳର ସାଂଗଠନିକ ସ୍ଥିତିକୁ ପରଖିଥିଲେ। ସଂଗଠନ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ। ସିଧାସଳଖ ଜଣାଇ ଦେଇଥିଲେ, ସଂଗଠନ କାର୍ଯ୍ୟ କଲା ବେଳେ ଅଳ୍ପରେ ସନ୍ତୁଷ୍ଟ ହେଲେ ଚଳିବ ନାହିଁ। ନିରନ୍ତର ପ୍ରୟାସ ଜାରି ରଖିବାକୁ ପଡ଼ିବ। ଆଜି ସକାଳେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ କୋର୍ କମିଟି ବୈଠକରେ ନିତିନ ନବୀନ ଯୋଗ ଦେଇଥିଲେ। ଲମ୍ବା ସମୟ ଧରି ଏହି ବୈଠକ ଚାଲିଥିଲା। ଏଥିରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ, ଦୁଇ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ପ୍ରଭାତୀ ପରିଡ଼ା, ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂହ ତୋମାର, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସରକାର କିପରି ଅଧିକ ଲୋକଙ୍କ ବିଶ୍ୱାସଭାଜନ ହୋଇପାରିବ ଏବଂ ସରକାରଙ୍କ ଲୋକକଲ୍ୟାଣ ଯୋଜନାଗୁଡ଼ିକ କିପରି ସେମାନଙ୍କ ପାଖରେ ପହଚିଂ ପାରିବ ସେ ନେଇ ଆଲୋଚନା କରିଥିଲେ। ଆସନ୍ତା ବର୍ଷ ପଚାଂୟତ ଓ ପୌର ନିର୍ବାଚନ ଥିବାରୁ ସଂଗଠନକୁ ତୃଣମୂଳସ୍ତରରେ ମଜଭୁତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କୋର୍ କମିଟି ବୈଠକ ପରେ ଶ୍ରୀ ନବୀନ ଜଟଣୀ ଅଭିମୁଖେ ଯାଇଥିଲେ। ସେଠାରେ ଏଆଇପିଏଚ୍ ପରିସରରେ

ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ପାଇଁ ଅନୁଷ୍ଠିତ ‘ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬’କୁ ଉଦ୍‌ଘାଟନ କରି କର୍ମକର୍ତ୍ତାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରେ ପୁରୀ ଯାଇ ସପରିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଅପରାହ୍ଣରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପୁଣି ବୈଠକ ହୋଇଥିଲା। ସାଂସଦ, ବିଧାୟକ ଓ ବିଭିନ୍ନ ମୋର୍ଚ୍ଚା ପଦାଧିକାରୀଙ୍କ ସହ ସେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟତଃ ଦଳ, ସଂଗଠନ କିପରି ଆଗକୁ ବଢ଼ିବ ଏବଂ ଦୀର୍ଘଦିନ ଧରି କିପରି ନିର୍ବାଚନ ରାଜନୀତିରେ ରହିପାରିବେ ସେସବୁ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ, ମୋଦୀ ସରକାର ଓ ରାଜ୍ୟ ସରକାରଙ୍କ ଯୋଜନା ହିଁ ଦଳର ସବୁଠାରୁ ବଡ଼ ପ୍ରଚାର। ଏହି ଯୋଜନାଗୁଡ଼ିକୁ ବୁଥ୍ ସ୍ତର ପର୍ଯ୍ୟନ୍ତ ପହଚାଂଇବାକୁ ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ନିଷ୍ଠାର ସହ ଉଦ୍ୟମ କରନ୍ତୁ। ଦଲାଲ ଓ ମଧ୍ୟସ୍ଥି କାରବାର ଉଚ୍ଛେଦ କରି ଯଦି ଯୋଜନାକୁ ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ଘରେ ପହଚାଂଇଦିଆଯିବ, ତେବେ ତୃଣମୂଳସ୍ତରରେ ଦଳର ସଂଗଠନ ଅଧିକ ମଜଭୁତ ହୋଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଫଳ ନେତୃତ୍ୱରେ ଆଜି ସମଗ୍ର ବିଶ୍ୱରେ ଭାରତ ଗୌରବମୟ ସ୍ଥାନରେ ରହିଛି। ‘ରାଷ୍ଟ୍ର ସର୍ବୋପରି’ ଭାବନାକୁ ନେଇ ମୋଦୀ ସରକାର ବିକଶିତ ଭାରତ ଗଠନ ନିମନ୍ତେ ଦିନରାତି ପରିଶ୍ରମ କରୁଛନ୍ତି। ଏହି ମନୋଭାବ ନେଇ ପ୍ରତିଟି କାର୍ଯ୍ୟକର୍ତ୍ତା କାମ କରିବାକୁ ସେ ଆହ୍ୱାନ ଦେଇଥିଲେ।

ତାତି ବଢ଼ିବ ୩ ଡିଗ୍ରୀ

ଭୁବନେଶ୍ୱର,୧୯/୫(ନି/ପ୍ର): ରାଜ୍ୟରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ୪୩.୪ ଡିଗ୍ରୀ ତାପମାତ୍ରା ସହ ଝାରସୁଗୁଡ଼ା ପୁଣି ରାଜ୍ୟର ଉତପ୍ତ ସହର ପାଲଟିଛି। ସେହିପରି ୧୭ ସହରରେ ପାରଦ ୪୦ ଡିଗ୍ରୀ ଛୁଇଁଛି। ମୌସୁମୀ ବାୟୁ ପ୍ରବେଶ ପାଇଁ ପାଗ ଅନୁକୂଳ ରହିଥିବା ବେଳେ ପାରଦ ଉପରମୁହାଁ ହୋଇଛି। ଚଳିତ ମାସ ଶେଷ ସପ୍ତାହ ସୁଦ୍ଧା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ପହଚିଂବା ସମ୍ଭାବନା ରହିଛି। ରାଜ୍ୟରେ ଆଗାମୀ ୨ ଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବନି। ଏହାପରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବଢ଼ିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟର ୧୭ ସହରରେ ୪୦ ଡିଗ୍ରୀ କିମ୍ବା ତା’ଠୁ ଅଧିକ ତାପମାତ୍ରା ରହିଥିଲା। ଝାରସୁଗୁଡ଼ାରେ ୪୩.୪ ଡିଗ୍ରୀ, ବୌଦ୍ଧ ୪୨.୮, ଅନୁଗୋଳ ଓ ସମ୍ବଲପୁର ୪୨.୩, ହୀରାକୁଦ ୪୨, ବାରିପଦା ୪୧.୮, ନୟାଗଡ଼ ୪୧.୭, ତାଳଚେର ୪୧.୬, ବଲାଙ୍ଗିର, ଟିଟିଲାଗଡ଼ ଓ ଭବାନୀପାଟଣା ୪୧.୫, ସୋନପୁର ୪୦.୮, ଖୋରଧା ଓ ସୁନ୍ଦରଗଡ଼ ୪୦.୫, ବରଗଡ଼ ୪୦.୪, ବାଲେଶ୍ୱର ୪୦.୨, ଭଦ୍ରକରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ କରାଯାଇଥିଲା।

ସେହିପରି ଭୁବନେଶ୍ୱରରେ ୩୯ ଏବଂ କଟକରେ ତାପମାତ୍ରା ୩୯.୬ ଡିଗ୍ରୀ ରହିଥିଲା। ଅନ୍ୟପକ୍ଷରେ ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲାର କେତେକ ସ୍ଥାନରେ କାଳବୈଶାଖୀ ସମ୍ଭାବନା ଥିବାରୁ ଏହି ଜିଲାଗୁଡ଼ିକୁ ସତର୍କ ସୂଚନା ଜାରି ହୋଇଛି।

ଆହୁରି ମହଙ୍ଗା ହେବ ପେଟ୍ରୋଲ, ଡିଜେଲ୍ !

ନୂଆଦିଲ୍ଲୀ,୧୯/୫: ବଡ ଝଟକା। ସପ୍ତାହରେ ୨ ଥର ବଢିଲା ପେଟ୍ରୋଲ, ଡିଜେଲ ଦାମ୍। ମଙ୍ଗଳବାର ପୁଣି ବଢିଲା ପେଟ୍ରୋଲ,ଡିଜେଲ ମୂଲ୍ୟ। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଏକ ସପ୍ତାହ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଇନ୍ଧନ ମୂଲ୍ୟ ବୃଦ୍ଧି କରାଯାଇଛି। ମଙ୍ଗଳବାର ଦିନ, ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତି ଲିଟର ପ୍ରାୟ ୯୧ ପଇସା ବୃଦ୍ଧି କରିଛନ୍ତି। ଏହା ହୋଇଛି ଶୁକ୍ରବାର (ମଇ ୧୫) ରେ ପ୍ରତି ଲିଟର ୩ ଟଙ୍କା ବୃଦ୍ଧି ପରେ। ମଙ୍ଗଳବାରର ନୂତନ ବୃଦ୍ଧି ସହିତ ଜାତୀୟ ରାଜଧାନୀରେ ପେଟ୍ରୋଲ ୮୭ ପଇସା ମହଙ୍ଗା ହୋଇଛି, ଯାହା ଏବେ ୯୮.୬୪ ଟଙ୍କା ପ୍ରତି ଲିଟରରେ ବିକ୍ରି ହେଉଛି। ଦିଲ୍ଲୀରେ ଡିଜେଲ ମୂଲ୍ୟ ମଧ୍ୟ ୯୧ ପଇସା ବୃଦ୍ଧି ପାଇ ୯୧.୫୮ ପ୍ରତି ଲିଟରକୁ ପହଚିଂଛି।

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122

ଦୀର୍ଘ ବର୍ଷ ପରେ ମଧ୍ୟ କଣିହାଁ କୋଇଲା ଖଣି ବିସ୍ଥାପିତଙ୍କ ସମସ୍ୟା ସୁଧୁରୁନି

ଦାବି ପୂରଣ ନେଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଲା କଂଗ୍ରେସ

ଅନୁଗୁଳ,୧୯।୫(ନି/ପ୍ର) : ଅନୁଗୁଳ ଜିଲ୍ଲା କଣିହାଁଠାରେ ଥିବା ଓପନ କାଷ୍ଟ କୋଇଲା ଖଣିଯୋଗୁଁ ବିସ୍ଥାପିତ ହୋଇଥିବା କ୍ଷତିଗ୍ରସ୍ତ ଲୋକମାନେ ଦୀର୍ଘ ବର୍ଷ ପରେ ମଧ୍ୟ ନ୍ୟାୟ ପାଇ ନଥିବାରୁ ଏହାକୁ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ମହାପ୍ରବନ୍ଧକଙ୍କୁ ଏ ନେଇ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି ।ଦଳ ପକ୍ଷରୁ ବିଭାଗୀୟ ଖଣି କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇ କୁହାଯାଇଛି ଆଗାମୀ ସାତ ଦିନ ମଧ୍ୟରେ ଛଅ ଦଫା ସମ୍ବଳିତ ଦାବିପୂରଣ ନହେଲେ ଏ ନେଇ ବ୍ୟାପକ ଆନ୍ଦୋଳନ କରାଯିବ । ଅନୁଗୁଳ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି କଣିହାଁ କୋଇଲା କ୍ଷେତ୍ରର ମହା ପ୍ରବନ୍ଧକ ଶ୍ରୀ ନରେଶ ସିଂହଙ୍କୁ ଭେଟି ଏ ସଂପର୍କରେ ଛଅ ଦଫା ସମ୍ବଳିତ ଏକ ଦାବି ପତ୍ରପ୍ରଦାନ କରାଯାଇଛି ।ପ୍ରତିନିଧିଦଳରେ ରାଜ୍ୟ କଂଗ୍ରେସର ବରିଷ୍ଠ ମୁଖପାତ୍ର ଶ୍ରୀ ଜଗଦାନନ୍ଦ ପ୍ରଧାନଙ୍କ ସମେତ କଂଗ୍ରେସ ପ୍ରତିନିଧି ଦଳର ସଦସ୍ୟମାନେ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ମାରକ ପତ୍ରରେ ଅଭିଯୋଗ କରାଯାଇଛି କଣିହାଁଠାରେ କୋଇଲା ଖଣି ପ୍ରତିଷ୍ଠା ହେବା ପରଠାରୁ ସ୍ଥାନୀୟ ଅଂଚଳରେ ପୋଖରୀ ଓ ଖୋଲା କୂପଗୁଡ଼ିକ କୋଇଲା ଖଣିର ଦୂଷିତ ଧୂଆଁଧୂଳିରେ ବିଷାକ୍ତ ହୋଇ ପଡିଛି । ବ୍ୟାପକ ପ୍ରଦୂଷଣ ହେବା ସହ ଏଠାରେ ଲୋକମାନେ ବିଭିନ୍ନ ଦୂରାରୋଗର ସମ୍ମୁଖୀନ ହେଉଛନ୍ତି । ସେହିଭଳି କୋଇଲା ଖଣି ପ୍ରତିଷ୍ଠା ହେବାର ଦୀର୍ଘ ବର୍ଷପରେ ମଧ୍ୟ ଲୋକମାନେ ଉପଯୁକ୍ତ ଥଇଥାନ ଓ କ୍ଷତିପୂରଣ ପାଇବାରୁ ବଂଚିତ ହୋଇଛନ୍ତି । ସ୍ଥାନୀୟ ଅଂଚଳର ଶହଶହ କ୍ଷତିଗ୍ରସ୍ତ ଯୁବକ,ଯୁବତୀ ବେକାର ହୋଇ ବସିଛନ୍ତି ।ତେଣୁ ସମସ୍ତ ବେକାର ଯୁବକ,ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ସୁବିଧା ଯୋଗାଇବାକୁ ଦଳ ପକ୍ଷରୁ ଦାବି କରାଯାଇଛି । ବିସ୍ଥାପିତ ଓ ପ୍ରଭାବିତ ଲୋକଙ୍କୁ କୋଇଲା ଖଣି ଓ ସାଇଲୋରେ ନିୟମିତ ଏବଂ ଠିକାକାର୍ଯ୍ୟରେ ନିଯୁକ୍ତି ସୁବିଧା ଯୋଗାଇ ଦେବାକୁ ଦାବି କରାଯିବା ସହ ଆରଆଣ୍ଡ ଆର,୨୦୧୩ ପଲିସି ଅନୁଯାୟୀ କ୍ଷତିପୂରଣ ଓ ଥଇଥାନ ବ୍ୟବସ୍ଥା କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି । ଦଳ ପକ୍ଷରୁ କରାଯାଇଥିବା ଅନ୍ୟ ଦାବିଗୁଡିକ ହେଲା କୋଇଲା ଖଣି ଅଂଚଳର କ୍ଷତିଗ୍ରସ୍ତ ଲୋକମାନଙ୍କ ପାଇଁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ କଣିହାଁଠାରେ ଏକ ଉନ୍ନତମାନର ମଲଟି ସ୍ପେସିଆଲିଟି ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନ,ସ୍ଥାନୀୟ ଅଂଚଳରେ ଗମନାଗମନ ପାଇଁ ପକ୍କା ସଡକ ନିର୍ମାଣ,ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ,ଡିଏଭି ସ୍କୁଲ ସ୍ଥାପନ ଆଦି କରାଯାଉ । କୋଇଲା ଖଣି ପ୍ରତିଷ୍ଠା ହେବାର ଦୀର୍ଘ ବର୍ଷ ପରେ ମଧ୍ୟ ଏଠାରେ ପାରିପାର୍ଶ୍ୱିକ ଉନ୍ନୟନ ପ୍ରତି ସଂପୂର୍ଣ୍ଣ ଅଣ ଦେଖା କରାଯାଇଥିବା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ।ଏହି ସମସ୍ତ ଦାବିଗୁଡିକୁ ଆଗାମୀ ସାତ ଦିନ ମଧ୍ୟରେ ପୂରଣ କରିବାକୁ କୌଣସି ପଦକ୍ଷେ ନିଆ ନଗଲେ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି । ପ୍ରତିନିଧି ଦଳରେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ସୁନୀଲ କୁମାର ପ୍ରଧାନ ଓ କଂଗ୍ରେସ ମୁଖପାତ୍ର ଶ୍ରୀ ଜଗଦାନନ୍ଦ ପ୍ରଧାନଙ୍କ ବ୍ୟତୀତ ଅନୁଗୁଳ ଜିଲ୍ଲା କଂଗ୍ରେସ ଉପସଭାପତି କୁଶଧ୍ୱଜ ସାମଲ,ଦୁଃଖବନ୍ଧୁ ନାଏକ, ଯୋଗୀନାଥ ସାହୁ, ଓ ମିଟୁ ସାହୁ ଓ ବ୍ଲକର ଅନ୍ୟ କାର୍ଯ୍ୟକର୍ତ୍ତା ପ୍ରମୁଖ ସାମିଲ ଥିଲେ ।

କେନ୍ଦୁଝରରେ ବଡ ଡକାୟତି

ମୁଣ୍ଡରେ ବନ୍ଧୁକ ରଖି ୮ ଲକ୍ଷ ଲୁଟ୍...

କେନ୍ଦୁଝର,୧୯/୫ (ନି/ପ୍ର): ଦିବା ଆଲୋକରେ ବାଉରୀପଦା ପଚାଂୟତ ଅଫିସ୍ ନିକଟରୁ ଭନ୍ତା ଟଙ୍କା ଲୁଟ୍ । ପିଇଓଙ୍କୁ ବନ୍ଧୁକ ଦେଖାଇ ଲୁଟି ନେଲେ ୮ ଲକ୍ଷ ୧୮ ହଜାର ଟଙ୍କା । ଭତା ବାଟିଂବାକୁ ଟଙ୍କା ନେଇ ଯାଉଥିଲେ ପିଇଓ, ଏଡିଇଓ । କଳା ପଲ୍ସରର ଆସି ଫାଙ୍କା ଗୁଳିଚାଳନା କଲେ । ଆଖିପୁଛୁଲାକେ ଝାମ୍ପିନେଲେ ୮ ଲକ୍ଷ ୧୮ ହଜାର ଟଙ୍କା ଥିବା ଟଙ୍କା । ଗଲା ବେଳକୁ ଡକାୟତମାନେ ପିଇଓ ସ୍କୁଟି ଗାଡ଼ି ମଧ୍ୟ ନେଇଯାଉଥିବା ଅଭିଯୋଗ ହୋଇଛି । ଏନେଇ ଉଭୟ କେନ୍ଦୁଝର ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ, ସୋମବାର ସକାଳ ପ୍ରାୟ ୯ ଟା ୪୫ ମିନିଟ ସମୟରେ କେନ୍ଦୁଝର ଐଉରଉ ବ୍ୟାଙ୍କରୁ ବାଉରିପଦା ଚରଙ ଏବଂ ଇଉରଙ ୮ ଲକ୍ଷ ୧୮ ହଜାର ଟଙ୍କା ଉଠାଇ ପଚାଂୟତ ଅଭିମୁଖେ ବାଇକରେ ଯାଉଥିଲେ । ତେବେ ସେମାନଙ୍କ ଅଜାଣତରେ ସେମାନଙ୍କୁ ଏକ କଳା ରଙ୍ଗର ପଲସର ମୋଟର ସାଇକଲ ତାଙ୍କୁ ପଛ କରୁଥିଲା । ସଦର ଥାନା ମୁକୁନା ବଜାର ଠାରୁ କିଛି ଦୂରରେ ପଲସର ବାଇକରେ ଥିବା ତିନି ଜଣ ହଠାତ୍ ସେମାନଙ୍କ ସାମ୍ନାରେ ବାଇକ ରଖି ଟଙ୍କା ବ୍ୟାଗ ମାଗିଥିଲେ । ଏ ଦୁଇ ଜଣ ନଦେବାରୁ ବନ୍ଧୁକ ବାହାର କରି ଏକ ରାଉଣ୍ଡ ଗୁଳି ଫୁଟାଇ ଥିଲେ । ଏହାପରେ ଦୁଇ ଅଧିକାରୀଙ୍କ ପାଖରୁ ଦୁଇଟି ବ୍ୟାଗକୁ ଛଡାଇ ବେଲଦା ଅଭିମୁଖେ ପଳାଇ ଯାଇଥିଲେ । ସମସ୍ତ ଲୁଟେରା ହିନ୍ଦି ଓ ବଙ୍ଗାଳି ଭାଷାରେ କଥାବାର୍ତ୍ତା କରୁଥିଲେ । ପିଇଓ ଫୋନ ମାଧ୍ୟମରେ ସଦର ବିଡିଓଙ୍କୁ ତୁରନ୍ତ ଜଣାଇଥିଲେ । ଏହାପରେ ସଦର ଥାନାରେ ଲିଖିତ ଅଭିଯୋଗ ଦିଆଯାଇଛି ।

ବାଲି ମାଫିଆଙ୍କ ଘରେ ପୁଲିସର ଚଢ଼ାଉ

ହାଟଡିହି,୧୯/୫(ନି/ପ୍ର): ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ କେନ୍ଦୁଝର ପୁଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ପକ୍ଷରୁ ବଡ଼ ଧରଣର ଚଢ଼ାଉ କରାଯାଉଛି । କେନ୍ଦୁଝର ଏସପିଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ କରାଯାଉଥିବା ଜଣା ଯାଇଛି । ଆନନ୍ଦପୁର, ଘସିପୁରା, ନନ୍ଦିପଦା ଥାନା ଅଂଚଳରେ ସାତଟି ସ୍ଥାନରେ ଚଢ଼ାଉ କରାଯାଉଥିବା ସୂଚନା ମିଳିଛି । ଚଢ଼ାଉ ସମୟରେ ୨୫ ଲକ୍ଷ ଟଙ୍କା ନଗଦ ମିଳିଥିବା କୁହାଯାଉଛି । ରବିବାର ବିଳମ୍ବିତ ରାତିରୁ ଆନନ୍ଦପୁର, ତରତରା, ହାଟଡିହି, ଧକୋଠା, ବିରଗୋବିନ୍ଦପୁର, ଶାଳଣିଆଁ , ବଂଚୋ, ଜମ୍ବରା ଆଦି ୮ଟି ସ୍ଥାନରେ ବାଲି ମାଫିଆ ଓ ବାଲି ବେପାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ପୁଲିସ ଚଢ଼ାଉ କରିଛି । ହାଟଡିହି ବ୍ଲକ ଉପାଧ୍ୟକ୍ଷଙ୍କ ଘରେ ଚଢ଼ାଉ କରାଯାଉଥିବା ଦେଖିବାକୁ ମିଳିଛି ।

ଏସୟୁଜେ ଜିଲ୍ଲା କାର୍ଯ୍ୟାଳୟ ଉଦ୍‌ଘାଟନ ଏବଂ କାର୍ଯ୍ୟକର୍ତା ନିର୍ବାଚନ

ଭଦ୍ରକ,୧୯/୫(ନି/ପ୍ର): ଭଦ୍ରକ ଆରଏମସି ପରିସରରେ ରାଜ୍ୟ ସାମ୍ବାଦିକ ସଙ୍ଘ (ଏସୟୁଜେ) ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟ ଉଦଘାଟିତ ହୋଇଛି । ସଙ୍ଘ ର ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ ଫିତା କାଟି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟାଳୟ ଉଦଘାଟନ କରିଛନ୍ତି । ଏହି ଅବସର ରେ ସଙ୍ଘ ଦିବାର୍ଷିକ ଜିଲ୍ଲା କାର୍ଯ୍ୟକର୍ତା ନିର୍ବାଚନ ହୋଇଥିଲା । ଏଥିରେ ପର୍ଯ୍ୟବେକ୍ଷକ ଭାବେ ସଙ୍ଘର ରାଜ୍ୟ ଉପ ସଭାପତି ବାସୁଦେବ ତ୍ରିପାଠୀ ଯୋଗ ଦେଇଥିଲେ । ଆଗାମୀ ଦୁଇ ବର୍ଷ ପାଇଁ ସଙ୍ଘର ଜିଲ୍ଲା ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ନିହାର କୁମାର ଦାସ ଏବଂ ସାଧାରଣ ସମ୍ପାଦକ ଭାବେ ପ୍ରତାପ କୁମାର ଦାସ ନିର୍ବାଚିତ ହୋଇଥିଲେ । ସେହିଭଳି ସଙ୍ଘର ଉପସଭାପତି ଭାବେ ବରିଷ୍ଠ ସାମ୍ବାଦିକ ପ୍ରମୋଦ କୁମାର ରାୟ, ସଂଗଠନ ସମ୍ପାଦକ ଭାବେ ବିକାଶ କୁମାର ଧଳସାମନ୍ତ,ସହ ସମ୍ପାଦକ ଭାବେ ସନାତନ ରାଉତ, ଓମ ପ୍ରକାଶ ମିଶ୍ର ଏବଂ କୋଷାଧକ୍ଷ ଭାବେ ବିନୋଦ ଧଳସାମନ୍ତ ନିର୍ବାଚିତ ହୋଇଛନ୍ତି ।

ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ତୈଳ ସଂକଟ ଓ ନିଟ୍ ପରୀକ୍ଷାରେ ଅନିୟମିତତା ବିରୁଦ୍ଧରେ ସିପିଆଇ(ଏମ) ପକ୍ଷରୁ ଗଣ ପ୍ରତିବାଦ

ଭଦ୍ରକ,୧୯/୫(ନି/ପ୍ର): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ତୈଳ ଓ ରନ୍ଧନ ଗ୍ୟାସ ର ସଂକଟ, ନିଟ୍ ପରୀକ୍ଷାରେ ବ୍ୟାପକ ଅନିୟମିତତା ବିରୁଦ୍ଧରେ ସିପିଆଇ(ଏମ) ଚାନ୍ଦବାଲି ଆଂଚଳିକ କମିଟି ପକ୍ଷରୁ ମତୋ ଠାରେ ଗଣ ପ୍ରତିବାଦ କରାଯାଇଥିଲା । ବାଲେଶ୍ୱର ଜିଲ୍ଲା ରେମୁଣା ଠାରେ ପିକ୍‌ଅପ୍ ଡ୍ରାଇଭରକୁ ଭିଡହତ୍ୟା, ପୁରୀ ଜିଲ୍ଲା ପିପିଲି ରେ ବୁଲେଟ ଚଢାଇ ଭିଡହତ୍ୟା, ବାଲିଅନ୍ତାରେ ରେଳ ସୁରକ୍ଷା ବଳ କନେଷ୍ଟବଳ ସୌମ୍ୟ ଙ୍କୁ ଭିଡହତ୍ୟା, ନୟାଗଡ ରେ ପଥର ମାଫିଆ ମାନେ ଘଟାଇଥିବା ହତ୍ୟା, କେନ୍ଦ୍ରାପଡାରେ ଭିଡହିଂସା ଓ ହତ୍ୟା ଓଡିଶାର ଆଇନ ଶୃଙ୍ଖଳା ପରିସ୍ଥିତି କୁ ବିପର୍ଯ୍ୟସ୍ତ କରିଛି । ଏହି ସମସ୍ତ ଭିଡହତ୍ୟାରେ ଆରଏସ୍‌ଏସ୍ ଓ ବିଜେପି କର୍ମୀ ମାନେ ନେତୃତ୍ୱ ନେଉଛନ୍ତି ଓ ରାଜ୍ୟ ସରକାର ଅପରାଧୀ ମାନଙ୍କୁ ଘଂଟ ଘୋଡାଉଥିବାରୁ ସିପିଆଇ(ଏମ) ନେତୃତ୍ୱ ରାଜ୍ୟ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୁକ୍ତରାଷ୍ଟ୍ର ଆମେରିକା ପାଖରେ ଭାରତର ଅର୍ଥନୈତିକ ସାର୍ବଭୌମତ୍ୱକୁ ବଂଧା ପକାଇ ବିଶ୍ୱର ସମସ୍ତ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସହିତ ଶତୃତା ସୃଷ୍ଟି କରି ପେଟ୍ରୋଲ, ଡିଜେଲ ଓ ଜାଳେଣି ଗ୍ୟାସର ଯେଉଁ ସଂକଟ ଆମ ଦେଶରେ ସୃଷ୍ଟି କରିଛନ୍ତି, ଯାହା ଫଳରେ କୋଟି କୋଟି ଲୋକ ପ୍ରତ୍ୟେକ ଦିନ ଘଂଟା ଘଂଟା ଧରି ପେଟ୍ରୋଲ ପମ୍ପରେ ଅପେକ୍ଷା କରୁଛନ୍ତି । ଓଡିଶାରେ ୪ ଜଣ ରୋଗୀ ଆମ୍ବୁଲାନ୍ସ ରେ ତୈଳ ଅଭାବରୁ ମୃତ୍ୟୁବରଣ କରିଛନ୍ତି । ଗତ ୪ ଦିନ ଧରି ଓଡିଶାରେ ସାଧାରଣ ଲୋକଙ୍କ ଜୀବନ ଯାତ୍ରା ସ୍ତବ୍ଧ ହୋଇଛି । ଏହି ସଂକଟ ପାଇଁ ଦାୟୀ ପ୍ରଧାନମନ୍ତ୍ରୀ , କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ, ରାଜ୍ୟ ଯୋଗାଣ ମନ୍ତ୍ରୀ, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଙ୍କ ଇସ୍ତଫା ସିପିଆଇ(ଏମ)ର ନେତୃବୃନ୍ଦ ଦାବି କରିଥିଲେ । କେନ୍ଦ୍ର ପ୍ରବେଶିକା ପରୀକ୍ଷା ନିଟ୍ ର ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଆମ ଦେଶର ମେଧାବୀ ଛାତ୍ର ଛାତ୍ରୀ ମାନେ ଆତ୍ମହତ୍ୟା କରୁଛନ୍ତି । ଏହି ଆନୁଷ୍ଠାନିକ ଛାତ୍ର ହତ୍ୟା ଘଟଣାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କୁ ହତ୍ୟା ମକଦ୍ଦମାରେ ସାମିଲ କରି ତାଙ୍କୁ ଅବିଳମ୍ବେ ଗିରଫ କରାଯିବାକୁ ସିପିଆଇ(ଏମ)ର ନେତୃବୃନ୍ଦ ଏହି ବିକ୍ଷୋଭ ମାଧ୍ୟମରେ ଦାବି କରିଥିଲେ । ବୁଲେଟ ଟ୍ରେନ୍ ଚଳାଇବା ପ୍ରତିଶୃତି ଦେଇ ବର୍ତମାନ ନରେନ୍ଦ୍ର ମୋଦି ସାଧାରଣ ଲୋକଙ୍କୁ ସାଇକେଲ ଚଳାଇବା ପାଇଁ ଯେଉଁ ପରାମର୍ଶ ଦେଉଛନ୍ତି ତାହାକୁ ସିପିଆଇ(ଏମ) ନେତୃତ୍ୱ ଭର୍ସନା କରିଥିଲେ । ଏହି ଗଣ ପ୍ରତିବାଦରେ ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଅନ୍ୟତମ ଜିଲ୍ଲା କମିଟି ସଭ୍ୟ ମଳୟ ଭୋଇ, ବରିଷ୍ଠ ନେତା ରବି ପଟ୍ଟନାୟକ, ସିପିଆଇ(ଏମ) ଚାନ୍ଦବାଲି ଆଂଚଳିକ କମିଟି ସଂପାଦକ ଗୌରାଙ୍ଗ ଯେନା, ଆଂଚଳିକ କମିଟି ସଭ୍ୟ ଜୟରାମ ଦାସ, କାହ୍ନୁ କିଶୋର ସାହୁ, ଅଶୋକ ବେହେରା, ଫକୀର ସ୍ୱାଇଁ, ବ୍ରହ୍ମାନନ୍ଦ ପରିଡା, ଗଦାଧର ମଲ୍ଲିକ, ଘନଶ୍ୟାମ ଦାସ, ଦିବାକର ସେନାପତି, ସୃଷ୍ଟିଧର ବିଶ୍ୱାଳ, ମହିଳା ନେତ୍ରୀ ପ୍ରତିଭା ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଭର୍ସନା କରିଥିଲେ ଓ ଆଗାମୀ ଦିନରେ ଏହି ଅର୍ଥନୈତିକ ଜରୁରୀକାଳୀନ ପରିସ୍ଥିତି ବିରୁଧରେ ବୃହତର ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଚେତାବନୀ ଦେଇଥିଲେ ।

ଲକ୍ଷ୍ମୀପୁରରେ ବଜ୍ରପାତ , ଦୁଇ ମୃତ

ଲକ୍ଷ୍ମୀପୁର,୧୯/୫(ନି/ପ୍ର): ଲକ୍ଷ୍ମୀପୁର ବ୍ଲକ ଡୁମୁରି ପଦର ଓ ଓଡ଼ିଆପେଣ୍ଟ ଅଞ୍ଚଳରେ ରବିବାର ପ୍ରାୟ ୩ଟା ସମୟରେ ଅଳ୍ପ ସମୟ ପାଇଁ ତୁହାକୁ ତୁହା ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା । ଏଥିରେ ବଜ୍ରପାତରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି । ପ୍ରଥମ ଘଟଣାରେ, ବର୍ଷା ପାଣିରୁ ନଭିଜିବା ସକାଶେ ଓଡ଼ିଆ ପେଣ୍ଟ ନିକଟସ୍ଥ ଏକ ଗଛ ତଳେ ଦୁଇଜଣ ଟିଣପେଡ଼ି ବୁଲାବିକାଳି (ଫେରିବାଲା) ସେକ୍ ଜମିର ଓ ଅବଦୁଲ୍ ରେହମାନ୍ ଆଶ୍ରୟ ନେଇଥିଲେ । ଏହି ସମୟରେ ଗଛ ଉପରେ ବଜ୍ରପଡ଼ିଥିଲା । ଏଥି ସେକ୍ ଜମିରଙ୍କ ମୃତ୍ୟୁଘଟିଥିଲା । ରେହମାନ ଭୟରେ ଦେ ?ଡ଼ି ପଳାଇଥିବାରୁ ଅଳ୍ପକେ ରକ୍ଷା ପାଇଥିଲେ । ପରେ ନିଜର ବୁଲେଟ୍ ଟ୍ରଲିରେ ଜମିରଙ୍କୁ ନେଇ ଲକ୍ଷ୍ମୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଦ୍ୱିତୀୟ ଘଟଣାକ୍ରମେ, ଡୁମୁରି ପଦର ଗାଁର ନବମ ଶ୍ରେଣୀ ଛାତ୍ର ବବଲୁ ହିକକା ଗାଁ ନିକଟସ୍ଥ ଆମ୍ବ ବଗିଚାରେ ପବନରେ ଝଡ଼ିପଡ଼ିଥିବା ଆମ୍ବ ଗୋଟାଉ ଥିବା ବେଳେ ବର୍ଷା ହୋଇଥିଲା । ସେ ମଧ ଗଛ ତଳେ ବର୍ଷାରୁ ବର୍ତିବା ସକାଶେ ଗଛ ତଳେ ଆଶ୍ରୟ ନେଇଥିଲା । ଏହି ସମୟରେ ବଜ୍ରପାତ ଘଟି ମୃତ୍ୟୁ ଘଟିଥିଲା । ଖବର ପାଇ ପୂର୍ବତନ ସାଂସଦ ଝିନ ହିକକା ପହଂଚି ଉଭୟ ଙ୍କ ଶବ ବ୍ୟବଚ୍ଛେଦ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବା ସହ କଲିକତା କିପରି ଜମିରଙ୍କ ମର ଶରୀର ପଠାଯିବ ସେଥିପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ ।

ଦୁଇ ଚୋରି ଟ୍ରାକ୍ଟର ଉଦ୍ଧାର : ଚୋର ଗିରଫ

ବାଣପୁର,୧୯/୫(ନି/ପ୍ର): ବାଣପୁର ଓ ନାଚୁଣୀ ପୁଲିସ ମିଳିତ ଭାବେ ତଦନ୍ତ କରି କଳାହାଣ୍ଡି ଜିଲା ଜୁନାଗଡ ଅଂଚଳରୁ ଦୁଇଟି ଚୋରି ଟ୍ରାକ୍ଟର ଉଦ୍ଧାର କରିବା ସହ ଚୋରି ଅଭିଯୋଗରେ ଜଟଣୀ ଥାନା ବେଣାପଞ୍ଜାରୀ ଗ୍ରାମର ମହମ୍ମଦ ରହିମ୍ ଓରଫ ଅବଦୁଲ ଓରଫ ପୁପୁନାକୁ ଗିରଫ କରିଛି । ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ଗିରଫ ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଚାଲିଥିବା ପୁଲିସ ସୂଚନା ଦେଇଛି । କିଛି ଦିନ ହେବ ବାଣପୁର ଅଂଚଳରେ ଗୋଟିଏ ଟ୍ରାକ୍ଟର ଚୋର ଦଳ ସକ୍ରିୟ ହୋଇପଡିଥିଲା । ଅପ୍ରେଲ ୧ ତାରିଖ ରାତିରେ ନାଚୁଣୀ ଥାନା ହାଡଖାଇ ଅଂଚଳର ମୁନା ସ୍ୱାଇଁଙ୍କ ଘର ନିକଟରୁ ତାଙ୍କର ଟ୍ରାକ୍ଟର ଚୋରି ହୋଇଯାଇଥିବା ବେଳେ ସେହି ମାସ ୨୨ତାରିଖ ରାତିରେ ବାଣପୁର ଅଂଚଳରୁ ମଧ୍ୟ ଗୋଟିଏ ଟ୍ରାକ୍ଟର ଚୋରି ହୋଇଯାଇଥିଲା । ଏନେଇ ନାଚୁଣୀ ଓ ବାଣପୁର ପୁଲିସ ଦୁଇଟି ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲେ । ଜିଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ ମତେ ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବାଣପୁର ଥାନା ଅଧିକାରୀ ଜୟ ପ୍ରକାଶ ପରିଡା ଓ ନାଚୁଣୀ ଥାନା ଅଧିକାରୀ ବିଭୂତି ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ପୁଲିସ ଟିମ୍ ଗଠନ କରାଯାଇ ଚୋରି ଟ୍ରାକ୍ଟର ଉଦ୍ଧାର ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଥିଲା । ତେବେ ଗାଡିରେ ଲାଗିଥିବା ଜିପିଏସ ଯନ୍ତ୍ରକୁ ଟ୍ରାକ କରି ପୁଲିସ ତଦନ୍ତ କରିବାରେ ଜଟଣି ଥାନା ବେଣା ପଞ୍ଜାରୀ ଗ୍ରାମର ପେଷାଦାର ଗାଡି ଚୋର ମହମ୍ମଦ ରହିମ୍ ଓରଫ ପୁପୁନ ଚୋରିରେ ସଂପୃକ୍ତ ଥିବା ଜଣା ପଡିଥିଲା । ପୁପୁନର ସୂଚନା କ୍ରମେ ପୁଲିସ ଜୁନାଗଡର ଏକ ପରିତ୍ୟକ୍ତ ସ୍ଥାନରୁ ଦୁଇଟି ଯାକ ଟ୍ରାକ୍ଟର ଉଦ୍ଧାର କରିବାକୁ ସଫଳ ହୋଇଥିଲା । ତେବେ ପୁପୁନର ଅନ୍ୟ ସହଯୋଗୀଙ୍କ ସମ୍ପର୍କରେ ସୂଚନା ମିଳିଥିବା ବେଳେ ପୁଲିସ ସେମାନଙ୍କୁ ଅତି ଶୀଘ୍ର ଗିରଫ କରିବାକୁ ସକ୍ଷମ ହେବ ବୋଲି ଶନିବାର ସନ୍ଧ୍ୟାରେ ନାଚୁଣୀ ଥାନା ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବାଣପୁର ଥାନା ଅଧିକାରୀ ଜୟ ପ୍ରକାଶ ପରଡା ଏବଂ ନାଚୁଣୀ ଥାନାଧିକାରୀ ବିଭୂତି ଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି ।

ତାଲା ଝୁଲୁଛି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ :

ରୋଗୀ ହନ୍ତସନ୍ତ, ନିୟମକୁ ଫୁଂ, ଧାମନଗର ଅଂଚଳରେ କେମିତି ଚାଲିଛି ସ୍ୱାସ୍ଥ୍ୟସେବା

ଭଦ୍ରକ,୧୯/୫(ନି/ପ୍ର): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକରେ ସରକାରଙ୍କ ଗ୍ରାମୀଣ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି ।ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଧାମନଗର ନିର୍ବାଚନ ମଣ୍ଡଳୀ ରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଇ ଅଧିକ ଡାକ୍ତର ମଧ୍ୟ ନିଯୁକ୍ତି କରିଚନ୍ତି ମାତ୍ର କିଛି ଡାକ୍ତର ଙ୍କ ମନମୁଖୀ ରେ ଧାମନଗର ଅଂଚଳ ରେ ଚାଲିଚି ସ୍ୱାସ୍ଥ୍ୟ ସେବା । ରବିବାର ଦିନ ବ୍ଲକର ଏକାଧିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପଡ଼ିବା କାରଣରୁ ରୋଗୀମାନେ ଚିକିତ୍ସା ନପାଇ ହନ୍ତସନ୍ତ ହୋଇ ଫେରିଛନ୍ତି । ସୋହଡ଼ା ପଂଚାୟତ ବାଲିପଡ଼ା ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଆଜି ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ମୁଖ୍ୟ ଫାଟକରେ ଚାବି ପଡ଼ିଥିବା ବେଳେ ରୋଗୀ ଆସି ଦୀର୍ଘସମୟ ଅପେକ୍ଷା କରିବା ପରେ ନିରାଶ ହୋଇ ଫେରିଥିଲେ । ଏଠାରେ ଦାୟିତ୍ୱରେ ଥିବା ଏମବିବିଏସ ଡାକ୍ତର ଆସିନଥିବା ବେଳେ, ଅନ୍ୟ ଜଣେ ଆୟୁଷ ଡାକ୍ତର ମଧ୍ୟ ଅନୁପସ୍ଥିତ ଥିଲେ । ଦୁଇ ଡାକ୍ତର ନଥିବାରୁ ଫାର୍ମାସିଷ୍ଟ ବା ଷ୍ଟାଫ୍ ନର୍ସଙ୍କ ଭଳି ଅନ୍ୟ କୌଣସି କର୍ମଚାରୀ ମଧ୍ୟ ଡାକ୍ତରଖାନାକୁ ଆସିନଥିଲେ । ସେହିଭଳି ସମାନ ସ୍ଥିତି ଦେଖିବାକୁ ମିଳିଥିଲା ଦିହୁଡ଼ି ଆନନ୍ଦପୁର ପଚାଂୟତରେ । ଆନନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ବର୍ଷେ ହେବ କୌଣସି ସ୍ଥାୟୀ ଏମବିବିଏସ ଡାକ୍ତର ନାହାନ୍ତି । ଜଣେ ଆୟୁଷ ଡାକ୍ତରଙ୍କ ଭରସାରେ କାମ ଚାଲିଛି । ରବିବାର ସେ ସାପ୍ତାହିକ ଛୁଟିରେ ଥିବାରୁ ସେଠାରେ ମଧ୍ୟ ମୁଖ୍ୟ ଫାଟକରେ ତାଲା ଝୁଲୁଥିଲା ।ଏନେଇ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ମନ୍ମୟ ସାମନ୍ତସିଂହାରଙ୍କୁ ପଚାରିବାରୁ ସ ସେ କହିଛନ୍ତି ଯେ, 'ବାଲିପଡ଼ା ପିଏଚସି ର ଡାକ୍ତର ଛୁଟିରେ ଅଛନ୍ତି ଏବଂ ଆୟୁଷ ଡାକ୍ତରଙ୍କର ରବିବାର ସାପ୍ତାହିକ ଛୁଟି । ଦୁଇ ଜଣ ଯାକ ଡାକ୍ତର ନଥିବାରୁ କାହା ଭରସାରେ ଡାକ୍ତରଖାନା ଖୋଲାଯିବ । ଯଦି ଅନ୍ୟ କୌଣସି କର୍ମଚାରୀଙ୍କ ଦ୍ୱାରା ଭୁଲ୍ ଚିକିତ୍ସା ହୁଏ, ତେବେ ପରିସ୍ଥିତି ଆହୁରି ଭୟଙ୍କର ହେବ ।' ଆନନ୍ଦପୁର ପିଏଚସି ରେ ମଧ୍ୟ ଡାକ୍ତର ପଦବୀ ଖାଲି ଥିବା ଓ ଆୟୁଷ ଡାକ୍ତର ଛୁଟିରେ ଥିବାରୁ ସେଠି ମଧ୍ୟ ବନ୍ଦ ରଖାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି ।ସରକାରୀ ନିୟମାବଳୀ କିଛି ଅଲଗା କଥା କହୁଛି । ଭାରତ ସରକାରଙ୍କ ଇଣ୍ଡିଆନ୍ ପବ୍ଲିକ୍ ହେଲଥ୍ ଷ୍ଟାଣ୍ଡାର୍ଡସ- ୨୦୨୨ ର ଗାଇଡ୍ ?ଲାଇନ୍ ଅନୁଯାୟୀ, ଯଦି କୌଣସି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରସୂତି ଏବଂ ଜରୁରୀକାଳୀନ ସେବା ପାଇଁ ଉଦ୍ଦିଷ୍ଟ, ତେବେ ତାହା ସପ୍ତାହର ୭ ଦିନ ଯାକ ୨୪ ଘଂଟା ଖୋଲା ରହିବା ବାଧ୍ୟତାମୂଳକ । ସାଧାରଣ ପିଏଚସି କ୍ଷେତ୍ରରେ ମଧ୍ୟ ସପ୍ତାହକୁ ୬ ଦିନ ଓପିଡି ସେବା ଯୋଗାଇ ଦିଆଯିବା ଉଚିତ । ଯଦି ମୁଖ୍ୟ ଡାକ୍ତର ଅନୁପସ୍ଥିତ ଥାଆନ୍ତି, ତେବେ ରୋଟେସନ ବ୍ୟବସ୍ଥା ବା ବିକଳ୍ପ ଡାକ୍ତରଙ୍କ ଜରିଆରେ କେନ୍ଦ୍ର ଖୋଲା ରଖିବା କଥା । ସ୍ୱାସ୍ଥ୍ୟକେନ୍ଦ୍ରର ସାମଗ୍ରିକ ପରିଚାଳନା ପାଇଁ ଗଠିତ ଜନ ଆରୋଗ୍ୟ ସମିତିର ଏହା ମୁଖ୍ୟ ଦାୟିତ୍ୱ । ଡାକ୍ତର ନଥିଲେ ମଧ୍ୟ ଷ୍ଟାଫ୍ ନର୍ସ, ଫାର୍ମାସିଷ୍ଟ ଓ ଅନ୍ୟ ସହାୟକ କର୍ମଚାରୀ ରହି ରୋଗୀଙ୍କୁ ପ୍ରାଥମିକ ସହାୟତା ଓ ସ୍ଥିରତା ପ୍ରଦାନ କରିବା ନିୟମ ରହିଛି । ଗ୍ରାମାଂଚଳରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଗରିବ ଓ ମଧ୍ୟବିତ ଲୋକଙ୍କ ପାଇଁ ପ୍ରାଥମିକ ଚିକିତ୍ସାର ଏକମାତ୍ର ମାଧ୍ୟମ । ଆୟୁଷ୍ମାନ ଭାରତ-ହେଲଥ୍ ଆଣ୍ଡ ୱେଲନେସ୍ ସେଂଟର ଗାଇଡ୍‌ଲାଇନ୍ ଅନୁଯାୟୀ, ଏଠାରେ ସାଧାରଣ ରୋଗର ଉପଚାର ସହ ମାତୃ ଓ ଶିଶୁ ମଙ୍ଗଳ, ଗର୍ଭବତୀ ମହିଳାଙ୍କ ଯାଂଚ, ସଂକ୍ରାମକ ଏବଂ ଅଣ-ସଂକ୍ରାମକ ରୋଗର ପ୍ରାରମ୍ଭିକ ସ୍କ୍ରିନିଂ ଓ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ହେବା କଥା । ତୃଣମୂଳ ସ୍ତରର ସ୍ୱାସ୍ଥ୍ୟକର୍ମୀ ଓ ଆଶା କର୍ମୀଙ୍କ ସହ ସମନ୍ୱୟ ରକ୍ଷା କରି ଏହା ସ୍ଥାନୀୟ ଅଂଚଳରେ ରୋଗ ନିୟନ୍ତ୍ରଣ କରିବା ଉଚିତ । ସ୍ୱାସ୍ଥ୍ୟ ବିଭାଗର ଉଦାସୀନତା ଯୋଗୁଁ ସାଧାରଣ ଜନତା ସେବା ପାଇବାରୁ ବଂଚିତ ହେଉଛନ୍ତି, ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଢ଼ ପଦକ୍ଷେପ ନେବାକୁ ଦାବି ହେଉଛି ।

ବିବିଧା

'ରକ୍ତ ଗୋଲାପ'ର ଟ୍ରେଲର ରିଲିଜ୍

ପରଦା ପଛର କାହାଣୀ

ନିକଟରେ ମୁକ୍ତିଲାଭ କରିଥିବା 'ରକ୍ତ ଗୋଲାପ'ର ଟ୍ରେଲର ଦର୍ଶକଙ୍କ ମଧ୍ୟରେ ଏକ ଅଭୁଲା ସ୍ମୃତି ସୃଷ୍ଟି କରିଛି । ଏହି ଚଳଚ୍ଚିତ୍ରଟି ଏକ ନୂତନ କାହାଣୀ ଏବଂ ଉଚ୍ଚକୋଟୀର ଅଭିନୟର ଏକ ଚମତ୍କାର ମିଶ୍ରଣ ଭାବରେ ଉଭା ହୋଇଛି । ଓଡ଼ିଶାର ଦକ୍ଷ ଓ ଏକର କଳାକାରଙ୍କୁ ନେଇ ପ୍ରସ୍ତୁତ ଏହି ଟ୍ରେଲର, ବାସ୍ତବବାଦୀ ଏବଂ ଭାବପୂର୍ଣ୍ଣ ଅଭିନୟର ଏକ ନିଆରା ଅନୁଭୂତି ଦେଉଛି । ମଞ୍ଚ ଜଗତର ଅଭିଜ୍ଞ କଳାକାର ହର ରଥ, ସମରେଶ, ରବିନ, ଚୌଧୁରୀ ଜୟପ୍ରକାଶ ଏବଂ ଅଭିଷେକ ଗିରି ସେମାନଙ୍କର ବହୁ ବର୍ଷର ଅଭିନୟ ଅନୁଭୂତିକୁ ପରଦା ଉପରେ ଜୀବନ୍ତ କରିଛନ୍ତି । ସେମାନଙ୍କର ନିଖୁଣ ଅଭିନୟ ଏବଂ ଚରିତ୍ରର ଗଭୀରତା ଏହି ସସ୍‌ପେନ୍ସ-ଥ୍ରିଲର କାହାଣୀକୁ ସାଧାରଣ ବ୍ୟବସାୟିକ ସିନେମାଠାରୁ ବହୁତ ଉପରକୁ ନେଇଯାଇଛି । 'ରକ୍ତ ଗୋଲାପ'ରେ ଏଲିନା ସାମନ୍ତରାୟ ଏକ ଆକର୍ଷଣୀୟ ଭୂମିକାରେ ନଜର ଆସିଛନ୍ତି, ଯାହା ତାଙ୍କ କ୍ୟାରିୟରର ସବୁଠାରୁ ଶ୍ରେଷ୍ଠ ଭାବପୂର୍ଣ୍ଣ ଅଭିନୟ ହେବାକୁ ଯାଉଛି । ଜଣେ ନବବିବାହିତା ମହିଳାଙ୍କ ପ୍ରେମ, ହରାଇବାର ଦୁଃଖ ଏବଂ ତଦନ୍ତ ପ୍ରକ୍ରିୟା ମଧ୍ୟରେ ସଂଘର୍ଷକୁ ସେ ଚମତ୍କାର ଭାବେ ରୂପାୟନ କରିଛନ୍ତି । ଅଭିଷେକ ଗିରିଙ୍କ ସହ ତାଙ୍କର ଅନ୍-ସ୍କ୍ରିନ୍ କେମେଷ୍ଟ୍ରି ଚଳଚ୍ଚିତ୍ରର ମୁଖ୍ୟ ଆକର୍ଷଣ ସାଜିଛି । ଆଶିଷ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ଏହି ଥ୍ରିଲରର ପ୍ରଚ୍ଛଦ ମ୍ୟୁଜିକ୍ ଦର୍ଶକଙ୍କ ମନରେ ରୋମାଞ୍ଚ ଓ ଉତ୍ସୁକତା ଭରି ଦେଉଛି । ନିର୍ଦ୍ଦେଶକ ଶିଶିର ପିନାକୀଙ୍କ ସୁନ୍ଦର ନିର୍ଦ୍ଦେଶନା, 'ରକ୍ତ ଗୋଲାପ'କୁ ଏକ ସମ୍ପୂର୍ଣ୍ଣ ଅଭିନୟ-ଭିତ୍ତିକ ଥ୍ରିଲର୍ ଭାବରେ ପ୍ରତିଷ୍ଠିତ କରିଛି । ଚଳଚ୍ଚିତ୍ରଟି ଆସନ୍ତା ଫେବୃଆରୀ ୧୩ ତାରିଖରେ ରିଲିଜ୍ ହେବ ।



ରକ୍ତ ସିନେମାଟି ୨୦୦୬ ମସିହାରେ ମୁକ୍ତିଲାଭ କରିଥିଲା । ଅବଶ୍ୟ ଫିଲ୍ମଟିର ସିକ୍ୱେଲକୁ ନେଇ ଦୀର୍ଘ ଦିନରୁ ଚର୍ଚ୍ଚା ଲାଗି ରହିଥିଲା । ଏହାର ସିକ୍ୱେଲରେ ଅକ୍ଷୟ କୁମାର ଏବଂ ପରେଶ ରାୱଲ ସାମିଲ ଅଛନ୍ତି । ତେବେ ଏଥିରେ ଗୋବିନ୍ଦାଙ୍କ ସ୍ଥାନରେ ମନୋଜ ବାଜପେୟୀଙ୍କ ଏଣ୍ଟ୍ରି ହୋଇଛି । ତେବେ 'ଭାଗମ୍ ଭାଗ୍'ରେ ଗୋବିନ୍ଦାଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ । ତେଣୁ ଗୋବିନ୍ଦାଙ୍କ ସ୍ଥାନରେ ମନୋଜ ଏହାକୁ କେତେ ଦୂର ନିଭାଇ ପାରିବେ, ତାହା ଫିଲ୍ମ ରିଲିଜ୍ ହେଲେ ପରେ ହିଁ ଜଣାପଡ଼ିବ । ସେହିପରି ସିନେମାରେ ଅକ୍ଷୟଙ୍କ ବିପକ୍ଷରେ ମାନାଷୀ

'ଭାଗମ୍ ଭାଗ୍-୨'ରେ ମନୋଜଙ୍କ ଏଣ୍ଟ୍ରି

ବଲିଉଡ଼ରେ ଏବେ ସିକ୍ୱେଲ୍ ସିନେମା ନିର୍ମାଣର ଧାରା ଚାଲିଛି । ଏହି କ୍ରମରେ ଏବେ କମେଡ଼ି ସିନେମା 'ଭାଗମ୍ ଭାଗ୍'ର ବି ସିକ୍ୱେଲ ନିର୍ମାଣ ହେବାକୁ ଯାଉଛି । ଚୌଧୁରୀ ନଜର ଆସିବେ । ହେଲେ ମନୋଜଙ୍କ ବିପକ୍ଷରେ କେଉଁ ଅଭିନେତ୍ରୀ କରିବେ, ସେକଥା ଜଣାପଡ଼ି ନାହିଁ । ସିନେମାର ସୁଟିଂ ଆସନ୍ତା ମାସରୁ ମୁମ୍ବାଇରେ ଆରମ୍ଭ ହେବ ।

ଶୈଳେନ୍ଦ୍ର-ଶିବାନୀଙ୍କ ରୋମାନ୍ସ

ଫେବୃଆରୀ ୧୩ରେ ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା 'ବର ବଧୂ' । ସିନେମାର ମୁଖ୍ୟ ଚରିତ୍ରରେ ଶୈଳେନ୍ଦ୍ର ଓ ଶିବାନୀଙ୍କୁ ଦେଖିବାକୁ ମିଳିବ । ଦୁହିଁଙ୍କ ଯୋଡ଼ିକୁ 'ଛିଃରେ ନନା' ସିନେମାରେ ଦର୍ଶକ ଯଥେଷ୍ଟ ପସନ୍ଦ କରିଥିଲେ । ତେଣୁ ଏଥର ମଧ୍ୟ ପୂର୍ବ ପରି ଦୁହିଁଙ୍କୁ ଦର୍ଶକଙ୍କ ଭଲପାଇବା ମିଳିବ । ସେହିପରି ସିନେମାରେ 'ତୁମି ତୁମି' ରୋମାଣ୍ଟିକ ଗୀତକୁ ଦର୍ଶକେ ପସନ୍ଦ କରିଛନ୍ତି । ଏଥିରେ ଶିବାନୀ ଓ ଶୈଳେନ୍ଦ୍ରଙ୍କ ଯୋଡ଼ି ଚର୍ଚ୍ଚା ସାଜିଛନ୍ତି । ସିନେମାରେ ଶୈଳେନ୍ଦ୍ର 'ବିକ୍କୁ' ଏବଂ ଶିବାନୀ 'ସୁମନ' ଚରିତ୍ରରେ ଅଭିନୟ କରିଛନ୍ତି । ପ୍ରେମ, ରୋମାନ୍ସ ଓ ଇମୋସନ୍ ସବୁକିଛି ଏହି ସିନେମାର କାହାଣୀରେ ଦେଖିବାକୁ ମିଳିବ । ଶୈଳେନ୍ଦ୍ର ଓ ଶିବାନୀଙ୍କ ବ୍ୟତୀତ ଏଥିରେ ସ୍ୱର୍ଣ୍ଣମୟୀ, ହର ରଥ ଏବଂ ଶୁଭାଶିଷ ବି ନଜର ଆସିବେ । ସିନେମାର ନିର୍ଦ୍ଦେଶନାରେ ବିଶ୍ୱରଞ୍ଜନ ଥିବା ବେଳେ ପ୍ରଯୋଜନା କରିଛନ୍ତି ଚନ୍ଦ୍ର ମଣି । ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପରେ ଅଛନ୍ତି ବିଶ୍ୱ ରଞ୍ଜନ ।

ପାଗଳଖାନା ବଦଳରେ ଦୁର୍ଗରେ ସୁଟିଂ

ସଲମାନ ଓ ଭୂମିକାଙ୍କ ଅଭିନୀତ ଫିଲ୍ମ 'ତେରେ ନାମ' ୨୦୦୦ ମସିହାର ସବୁଠୁ ଅଧିକ ଲୋକପ୍ରିୟ ରୋମାଣ୍ଟିକ୍ ଫିଲ୍ମ ମଧ୍ୟରୁ ଅନ୍ୟତମ । ଏଥିରେ ସଲମାନ୍ ଏବଂ ଭୂମିକାଙ୍କ ଜବରଦସ୍ତ ଅଭିନୟକୁ ଲୋକେ ଭୂରି ଭୂରି ପ୍ରଶଂସା କରିଥିଲେ । ଫିଲ୍ମର ଗୀତ, କାହାଣୀ ଏବଂ ଦୁଃଖଦାୟକ ସମାପ୍ତି ଏବେ ବି ଦର୍ଶକଙ୍କ ହୃଦୟରେ ସ୍ମୃତି ହୋଇ ରହିଛି । ଏଥିପାଇଁ ଫିଲ୍ମଟି ଏବେ ମଧ୍ୟ ଚର୍ଚ୍ଚାରେ ରହିଛି । ଫିଲ୍ମର ସବୁଠୁ ସ୍ମରଣୀୟ ଦୃଶ୍ୟ ପାଗଳଖାନାର ସୁଟିଂକୁ ନେଇ ଏକ ରୋଚକ କାହାଣୀ ରହିଛି । ଫିଲ୍ମରେ ଦେଖାଯାଇଥିବା ଶ୍ରୀପ୍ରଭାଧାମ ଆଶ୍ରମର ଦୃଶ୍ୟ କୌଣସି ପାଗଳଖାନାରେ ସୁଟିଂ ହୋଇ ନ ଥିଲା । ଏହା ହାଇଦ୍ରାବାଦର ଐତିହାସିକ ଗୋଲକୁଣ୍ଡା ଦୁର୍ଗରେ ସୁଟିଂ ହୋଇଥିଲା । ସଲମାନଙ୍କ ଅଭିନୀତ 'ରାଧେ' ଚରିତ୍ର ଶ୍ରୀପ୍ରଭାଧାମ୍ ଆଶ୍ରମରେ ବିତାଇଥିବା ଯନ୍ତ୍ରଣାଦାୟକ ମୁହୂର୍ତ୍ତ, ଅନ୍ଧାର ଗଳି, ଲୁହା ଗେଟ୍ ଏବଂ ପଥର ପ୍ରାଚୀର ସହ ଦେଖାଯାଇଥିଲା । ଏଥିରେ କାହାଣୀ ଆହୁରି ଭାବ ବିହ୍ୱଳ ହୋଇଥିଲା । ଏହି ଦୃଶ୍ୟ ପାଇଁ ଫିଲ୍ମ ନିର୍ମାତା ଗୋଲକୁଣ୍ଡାର ପ୍ରାଚୀନ ଏବଂ ଶାନ୍ତିପୂର୍ଣ୍ଣ ଦୁର୍ଗକୁ ପସନ୍ଦ କରିଥିଲେ । ଏହାକୁ ପାଗଳଖାନାର ରୂପରେଖ ଦିଆଯାଇଥିଲା । ଦୁର୍ଗର ମଜଭୁତ ପଥର କାନ୍ଥ, ନିଆରା ନିର୍ମାଣ ଶୈଳୀ କୌଣସି ବଡ଼ ସେଟ୍ ବିନା ଏହାକୁ ଭୟଙ୍କର ଏବଂ ବାସ୍ତବିକ ପାଗଳଖାନାର ରୂପ ଦେବାରେ ସହାୟକ ହୋଇଥିଲା । ଏଥିପାଇଁ ବେଶି କିଛି କରିବାକୁ ପଡ଼ି ନ ଥିଲା । ସତୀଶ କୌଶିକଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମ ୨୦୦୩ ମସିହାରେ ମୁକ୍ତିଲାଭ କରିଥିଲା । ସଲମାନ ଖାନ୍‌ଙ୍କ କ୍ୟାରିୟରରେ 'ତେରେ ନାମ' ଫିଲ୍ମଟି ମାଇଲ୍ ଷ୍ଟୋନ ସାବ୍ୟସ୍ତ ହୋଇଥିଲା । ସଲମାନଙ୍କ ଚରିତ୍ର ଏବେ ମଧ୍ୟ ଦର୍ଶକଙ୍କ ମଧ୍ୟରେ ଚର୍ଚ୍ଚାରେ ରହିଛି । ତେବେ ଐତିହାସିକରୁ ରୋମାଣ୍ଟିକ ଫିଲ୍ମ ଯାଏ ଗୋଲକୁଣ୍ଡା ଦୁର୍ଗରେ ସୁଟିଂ କରାଯାଏ ।

୧୨ ବର୍ଷ ପରେ ଏକାଠି ଶାହରୁଖ-ଫରାହ

ପୁଣି ଥରେ ଶାହରୁଖ ଖାନ୍ ଏବଂ ଫରାହ ଖାନଙ୍କ ଯୋଡ଼ି ବଡ଼ ପରଦାକୁ ଫେରିବାକୁ ଯାଉଛନ୍ତି । ଫରାହ 'ମେଁ ହୁଁ ନା-୨' ସିନେମାର କାହାଣୀ ଉପରେ କାର୍ଯ୍ୟକୁ କାମ କରି ଆସୁଥିଲେ । ଏହି ସିନେମାରେ ଶାହରୁଖ ଡବଲ ଚରିତ୍ରରେ ନଜର ଆସିବେ । ଏହା ହିଁ କାହାଣୀକୁ ଅଧିକ ରୋମାଞ୍ଚକ କରିବ ବୋଲି କୁହାଯାଉଛି । ତେବେ ଶାହରୁଖ ଏବଂ ଫରାହ ୧୨ ବର୍ଷ ପରେ ଏକାଠି ଏହି ସିନେମାରେ କାମ କରିବେ । ସେହିପରି ସିନେମାରେ ଶାହରୁଖ ତାଙ୍କ ଚରିତ୍ରକୁ ନେଇ ଉତ୍ସାହିତ ଅଛନ୍ତି । କାରଣ ଏଥିରେ ତାଙ୍କୁ ଦୁଇଟି ବିପରୀତ ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳିବ । ସିକ୍ୱେଲରେ ବି ଦେଶଭକ୍ତି ଓ କମେଡିର ଧାରା ଜାରି ରହିବ । ତେଣୁ କରି ଏଥିରେ ବି ଭରପୂର ଦେଶଭକ୍ତି ଦେଖିବାକୁ ମିଳିବ । ଅନ୍ୟପଟେ ଶାହରୁଖଙ୍କ ବ୍ୟତୀତ ସିନେମାରେ ଅନ୍ୟ ପ୍ରମୁଖ କଳାକାରଙ୍କ ଲୋକପ୍ରିୟ ହୋଇପାରେ ବୋଲି କୁହାଯାଉଛି ।

ସାକ୍ଷାତକାର

ଭଲ ଅଭିନେତ୍ରୀଟିଏ ହେବାକୁ ଅନେକଜଣ ସ୍ୱପ୍ନ ଦେଖନ୍ତି । ଆଉ ସେହି ସ୍ୱପ୍ନ ପୂରା କରିବାକୁ ପଡ଼େ ନାନା ସଂଘର୍ଷ ଭିତରେ । ତେବେ ସଂଘର୍ଷକୁ ଅତିକ୍ରମ କରି ଯିଏ ଆଗେଇ ଚାଲନ୍ତି ସେ ହିଁ ସଫଳତାର ସ୍ୱାଦ ଚାଖନ୍ତି । ଏହି କଥାର ସାର୍ଥକତାକୁ ସେ ବୁଝିଥିଲେ ବୋଲି ଆଜି ସେ ପାଇଛି ଯାଉଛନ୍ତି ଜଣେ ଅଭିନେତ୍ରୀ । କଳାକାରଟିଏ ହେବାକୁ ସେ ଦେଇଛନ୍ତି ଅନେକ ପରୀକ୍ଷା । ଆଉ ଏବେ ସେ 'ସାଥି ସାତ ଜନ୍ମର'ରେ ସାଲିନି ଭୂମିକାରେ ଅଭିନୟ କରୁଛନ୍ତି । ଏହି ନବାଗତା ନାୟିକା ଜଣକ ହେଉଛନ୍ତି ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ କଙ୍କେଶ୍ୱରର ସୁଶ୍ରୀ ଅପର୍ଣ୍ଣା ପାଠୀ । ଅଧ୍ୟାପିକା ହେବା ତାଙ୍କ ଜୀବନର ମୂଳ ଲକ୍ଷ୍ୟ । କିନ୍ତୁ ଶିଶୁ ତାଙ୍କର ଅଭିନୟ କରିବା । ଅଡିସନ୍, ପ୍ରୋମୋସୁଟ୍ ମାଧ୍ୟମରେ ଚୟନ ହୋଇ ସେ ମେଗା ଧାରାବାହିକରେ ପାଦ ଥାପିଛନ୍ତି । ଏଥିପାଇଁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ ।

"ମୋର ଇଚ୍ଛା ନିଜକୁ ମୁଖ୍ୟ ଚରିତ୍ରରେ ଦେଖିବା"

ସୁଶ୍ରୀ ଅପର୍ଣ୍ଣା ପାଠୀ, ଅଭିନେତ୍ରୀ

ଅଭିନେତ୍ରୀ ହେବାକୁ କାହିଁକି ଭାବିଲେ?

● ମୁଁ ଜଣେ ସ୍ନାତକ ସ୍ତରର (ଓଡ଼ିଆ) ଛାତ୍ରୀ । ଇଚ୍ଛା ଅଛି ମୋ ନାମ ପୂର୍ବରୁ ଡକ୍ଟର ଲାଗିବ । ଅଧ୍ୟାପିକା ହେବା ମୋର ମୂଳ ଲକ୍ଷ୍ୟ । ହେଲେ ପିଲାଦିନରୁ ଅଭିନୟ ପ୍ରତି ମୋର ଅନେକ ଦୁର୍ବଳତା ରହିଛି । ତେଣୁ ମୁଁ ସ୍କୁଲ, କଲେଜର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇ ଅଭିନୟ କରୁଥିଲି । ପ୍ରଥମେ ମ୍ୟୁଜିକ୍ ଭିଡିଓ କରିବା ଆଶାରେ ଏକ ଅଡିସନ୍ ଦେଇଥିଲି । କୌଣସି କାରଣବଶତଃ ସେଥିରେ ଚୟନ ହେଲିନି । କିଛି କ୍ଷଣ ପାଇଁ ମନ ଦୁଃଖ ହୋଇଥିଲା । ତଥାପି ମୁଁ ମୋର ସଂଘର୍ଷ ଜାରି ରଖିଥିଲି । 'ସିନେ ଷ୍ଟାର୍ କି ଖୋଜ୍' ରିଆଲିଟି ଶୋ'ରେ ମୋତେ ପ୍ରତିଭା ପ୍ରଦର୍ଶନର ସୁଯୋଗ ମିଳିଥିଲା । ପରେ ପରେ ଏକ ପ୍ରୋମୋସୁଟ୍ ଦ୍ୱାରା 'ସାଥି ସାତ ଜନ୍ମର' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଲା ।

ଏଥିପାଇଁ କେତେ ସଂଘର୍ଷ କରିଛନ୍ତି?

● ବହୁତ ସଂଘର୍ଷ କରିବାକୁ ପଡ଼ିଛି । ଏକ ମ୍ୟୁଜିକ୍ ଭିଡିଓରେ କାମ ନ ମିଳିବା ପରେ ମୁଁ ଅନେକ ପ୍ରଡକ୍ସନ ହାଉସ୍‌କୁ ଯାଇଛି । ଫଟୋସୁଟ୍ କରିଛି । ଦୀର୍ଘ ଦିନ ଧରି ଗୋଟେ କାମ ମିଳିବାକୁ ଅପେକ୍ଷା କରିବାକୁ ପଡ଼ିଛି । ବାସ୍ତବରେ ସେ ସମୟ ମୋ' ପାଇଁ ବହୁତ କଷ୍ଟକର ଥିଲା ।

ସୁଟିଂ ସେଟ୍‌ର ପ୍ରଥମ ଦିନର ଅନୁଭୂତି?

● ଏ ଲାଇନ୍‌ରେ ମୁଁ ନୂଆ ନୂଆ ଆସିଥାଏ । ମନରେ ଭୟଥିଲା । କେମିତି କ୍ୟାମେରାକୁ ସମ୍ମୁଖୀନ କରିବି, ସେ ଚିନ୍ତା ଥାଏ । ତା' ସାଙ୍ଗକୁ ଅଭିନୟ ବାବଦରେ ମୋତେ କିଛି ଜଣା ନ ଥାଏ । ହେଲେ ଧାରାବାହିକର ପୁରା ଟିମ୍ ମୋର ସହ-କଳାକାର ଓ ଗୁରୁଜନମାନେ ମୋତେ ଭୟ ଛାଡ଼ି କାମ କରିବାକୁ ପ୍ରେରଣା ଦେଉଥିଲେ । ତାଙ୍କୁ ନେଇ ସିରିଅସ୍ ହୋଇ ସଟ୍ ଦେଉଥିଲି ।

'ସାଲିନି' ଚରିତ୍ର ବିଷୟରେ କିଛି କୁହନ୍ତୁ?

● 'ସାଥି ସାତ ଜନ୍ମର' ଏକ ଲୋକପ୍ରିୟ ଧାରାବାହିକ । ସାଲିନି ଚରିତ୍ରକୁ ଫିଟ୍ ଭାବି ନିର୍ମାତା ମୋତେ ଏହି ଚରିତ୍ର ଦେଇଛନ୍ତି । ଏଥିରେ ମୁଁ ଦେବଙ୍କ ଭାଉଜ ଚରିତ୍ରରେ ଅଭିନୟ କରୁଛି । ସାଲିନି ଜଣେ ଲୋଭୀ ମହିଳା । ତା' ଭିତରେ ନକାରାତ୍ମକ ପ୍ରବୃତ୍ତି ଭରି ରହିଛି । ସବୁବେଳେ ତା'ର ସ୍ୱାମୀଙ୍କ କଥା ମାନିରେ ପରିବାରକୁ ଏପଟ ସେପଟ କରୁଛି ।

ସୁଟିଂ ନ ଥିଲେ କ'ଣ କରନ୍ତି?

● ପଢ଼ାପଢ଼ି କରେ । ପରିବାର ସହିତ ସମୟ ବିତାଏ ।

ପିଢ଼ନେସର ରାଜ?

● ଜିମ୍ ଯାଏ । ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ ଦିଏ ।

ଅଭିନୟ ମାର୍ଜିତ କରିବାକୁ କ'ଣ କରିବା ଦରକାର?

● ଯେଉଁ କାମ ଆପଣଙ୍କୁ ଖୁସି ଦେଉଛି ତାହା ପ୍ରତି ସେତିକି ସମର୍ପିତ ରହିବା ଜରୁରି । ଠିକ୍ ସେମିତି ଅଭିନୟକୁ ମାର୍ଜିତ କରିବାକୁ ଭିନ୍ନ ଭିନ୍ନ ଚରିତ୍ରକୁ ଅନୁକରଣ କରିବା ଦରକାର । ଦର୍ପଣ ସାମ୍ନାରେ ପ୍ରତିଦିନ କିଛି ନା କିଛି ସଂଳାପ କହି ନିଜକୁ ପ୍ରସ୍ତୁତ କରିବା ଜରୁରି । ଯେଉଁମାନେ ଏହି ଲାଇନ୍‌ରେ ଆସିବାକୁ ଚାହୁଁଛନ୍ତି, ସେମାନେ ନିଜକୁ ସେତିକି ପ୍ରସ୍ତୁତ କରିଥାନ୍ତୁ । ଏବେ ଏହି ଲାଇନ୍‌କୁ ପ୍ରବେଶ କରିବାକୁ ଅନେକ ପ୍ଲାଟଫର୍ମ ରହିଛି । ତେଣୁ ନିଜର ପ୍ରତିଭାକୁ ପ୍ରଦର୍ଶନ କରି ଜଣେ ଅଭିନେତା, ଅଭିନେତ୍ରୀ ହୋଇପାରିବେ ।

ଆଗାମୀ ଯୋଜନା?

● ମୁଖ୍ୟ ଚରିତ୍ରରେ ନିଜକୁ ଦେଖିବାକୁ ଇଚ୍ଛା ରଖିଛି । କେବଳ ସେତିକି ନୁହେଁ, ପ୍ରତ୍ୟେକ କଳାକାର ବଡ଼ ପରଦାରେ ନିଜକୁ ଦେଖିବାକୁ ଚାହାଁନ୍ତି । ମୁଁ ମଧ୍ୟ ସେଥିପାଇଁ ନିଜକୁ ପ୍ରସ୍ତୁତ କରୁଛି । ଦର୍ପଣ ଆଗରେ ଅଭ୍ୟାସ ଜାରି ରଖିଛି । ତେବେ ଦର୍ଶକଙ୍କ ଭଲପାଇବା ମୋତେ ଆଗକୁ ନେବ ବୋଲି ମୋର ଆଶା ।

ଉତ୍କଳ ସମାଚାର

ସମ୍ପାଦକୀୟ...

ବୁଧବାର ୨୦ ମେ ୨୦୨୬

ବହୁବଚନ : ନେପଥ୍ୟ ସଙ୍ଗୀତ

ମୃଣାଳ ସେନଙ୍କ ନିର୍ଦ୍ଦେଶିତ 'ମୃଗୟା' ଚଳଚ୍ଚିତ୍ରରେ ପ୍ରଥମ ଥର ପାଇଁ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇ ଶ୍ରେଷ୍ଠ ଅଭିନେତା ପୁରସ୍କାରପ୍ରାପ୍ତ ହେବାର ଗୌରବ ଲାଭ କରିଥିଲେ ମିଥୁନ ଚକ୍ରବର୍ତ୍ତୀ । ଅବଶ୍ୟ ସରଳ ଆଦିବାସୀ ଯୁବକ ଘିନୁଆର ଚରିତ୍ର ନିଖୁଣ ଭାବରେ ପ୍ରସ୍ଫୁଟିତ ହୋଇଥିଲା ତାଙ୍କ ଅଭିନୟରେ । ତେବେ ଏହି ଚଳଚ୍ଚିତ୍ରର କାହାଣୀକାର କିଏ ? ଦେଶବ୍ୟାପୀ ଏହାର ମୁଗ୍ଧ ଦର୍ଶକମାନେ ଝୁଚିଂ ପଡ଼ନ୍ତି ଏପରି ପ୍ରଶ୍ନରେ । ବିଶିଷ୍ଟ କଥାଶିଳ୍ପୀ ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଶିକାର' ଗଳ୍ପ ଏହି ଚଳଚ୍ଚିତ୍ରର ଆଧାର ବୋଲି ଅଧିକାଂଶ ଓଡ଼ିଶାବାସୀଙ୍କୁ ଅଗୋଚର, ଭାରତର ଦର୍ଶକମଣ୍ଡଳୀଙ୍କ କଥା ପଚାରେ କିଏ ? 'ଦେବଦାସ' ଚଳଚ୍ଚିତ୍ର କଥା ଭାବିଲା କ୍ଷଣି ଧୋତି ପଞ୍ଜାବୀ ପରିହିତ ମଦିରାସକ୍ତ ଶାହରୁଖ ଖାଁଙ୍କ ଛବି ପ୍ରାୟ ସଭିଙ୍କ ଆଖି ଆଗରେ ଭାସିଉଠେ । ଶରତଚନ୍ଦ୍ରଙ୍କ ଚେହେରା କେତେଜଣଙ୍କୁ ଦିଶେ ? ଉହାଡ଼ରେ ରହିବା କ'ଣ ସ୍ରଷ୍ଟାର ଲଲାଟ ଲିଖନ ? ଓଡ଼ିଆରେ କେବଳ ନୁହେଁ, ହିନ୍ଦୀ, ବଙ୍ଗଳା, ତେଲୁଗୁ ଓ ତାମିଲ ଆଦି ଭାଷାରେ ଅନେକ ସୁପ୍ରତିଷ୍ଠ ଲେଖକଙ୍କ ଗଳ୍ପ, ଉପନ୍ୟାସ ଓ ନାଟକ ଭିତ୍ତିରେ ଚଳଚ୍ଚିତ୍ର ନିର୍ମିତ ହୋଇଛି । କିନ୍ତୁ ନାୟକ, ନାୟିକା ଓ ନିର୍ଦ୍ଦେଶକଙ୍କ ଆଭିଜାତ୍ୟ ଭିତରେ ଗୌଣ ହୋଇଯା'ନ୍ତି ଲେଖକମାନେ । 'ଛମାଣ ଆଠ ଗୁଣ୍ଠ' ଚଳଚ୍ଚିତ୍ର ଦେଖି କେହି କେମିତି ଫକୀରମୋହନଙ୍କୁ ହୁଏତ ମନେ ପକାଇଥିବେ । ସେମାନଙ୍କର ସଂଖ୍ୟା କେତେ ? କାହ୍ନୁଚରଣଙ୍କ 'କା', 'ଶାସ୍ତି' ଓ 'ତୁଣ୍ଡ ବାଇଦ' ଉପନ୍ୟାସ ଆଧାରରେ ସିନେମା ପ୍ରସ୍ତୁତ ହୋଇଛି ଓଡ଼ିଆରେ । ଉପେନ୍ଦ୍ର କିଶୋରଙ୍କ 'ମଲାଜହ୍ନ', ବସନ୍ତ କୁମାରୀ ପଟ୍ଟନାୟକଙ୍କ 'ଅମଡ଼ା ବାଟ', କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ମାଟିର ମଣିଷ', ବିଭୂତି ପଟ୍ଟନାୟକଙ୍କ 'ବଧୂନିରୁପମା' ଆଦି ଉପନ୍ୟାସ ସିନେମାର ରୂପ ନେଇଥିବା ବେଳେ ରାମଚନ୍ଦ୍ର ମିଶ୍ରଙ୍କ ନାଟକ 'ଘର ସଂସାର' ଓ 'ଭାଇ ଭାଉଜ', ବିଜୟ ମିଶ୍ରଙ୍କ ନାଟକ 'ଯାଯାବର' ଓ ବସନ୍ତ କୁମାର ମହାପାତ୍ରଙ୍କ ନାଟକ 'ଶେଷ ଶ୍ରାବଣ' ଚଳଚ୍ଚିତ୍ର ଭାବରେ ବେଶ୍ ସମାଦୃତ । ମନୋଜ ଦାସଙ୍କ ଗଳ୍ପ 'ଲକ୍ଷ୍ମୀର ଅଭିସାର' ଓ ପ୍ରତିଭା ରାୟଙ୍କ ଗଳ୍ପ 'ମୋକ୍ଷ' ଚଳଚ୍ଚିତ୍ରରେ ରୂପାୟିତ ହୋଇ ଦର୍ଶକମାନଙ୍କ ଦୃଷ୍ଟି ଆକର୍ଷଣ କରିଛି । କିନ୍ତୁ ଦର୍ଶକମାନେ ଏହି ସବୁ କାଳୋତ୍ତୀର୍ଣ୍ଣ କୃତିର ମୂର୍ଦ୍ଧନ୍ୟ ଲେଖକମାନଙ୍କ ବିଷୟରେ ଅଜ୍ଞ । ମନେହୁଏ, ଚଳଚ୍ଚିତ୍ର ଜଗତର ଚିତ୍ତାକର୍ଷକ ଆଭାରେ ସ୍ରଷ୍ଟାମାନେ ମ୍ଳାନ । ଗୀତ ସେମିତି ଗାୟକ ଓ ଗାୟିକାଙ୍କୁ ନେଇ ପରିଚୟ ପାଏ । ଗୀତିକାର ହଜିଯାଆନ୍ତି ବିସ୍ମୃତିର କେଉଁ ଘନ କୁହୁଡ଼ିରେ । ଅନେକ ନୂଆପୁରୁଣା ସିନେମା ଗୀତ ଓ ରେକର୍ଡ ସଙ୍ଗୀତ ଅଗଣିତ ଶ୍ରୋତାଙ୍କ ହୃଦୟରେ ଉଦ୍‌ବେଳନ ସୃଷ୍ଟି କରେ । କିନ୍ତୁ କେତେଜଣ କହିପାରିବେ କିଏ ଲେଖିଛନ୍ତି 'ମୋ ମନ ବୀଣାର ତାରେ ଏ ଅବୁଝା ମୂରୁଛନା' ? କିଏ ଲେଖିଛନ୍ତି 'ମୟୂରୀ ଗୋ ତୁମ ଆକାଶେ ମୁଁ ଦିନେ ମଲ୍ଲାରେ ମେଘ ସାଜିଲି' ? 'ନଦୀର ନାମ ଅଳସ କନ୍ୟା'ର ଗୀତିକାର କିଏ ? କାହା ଲେଖନୀ ନିଃସୃତ 'ସାଗରେ ଅଧୀର ନୀଳ ତରଙ୍ଗ' ବା 'ରକତ ଟଳମଳ ଖଇର ପାଚଂପଳ' ? ଏସବୁ ଗୀତର କଣ୍ଠଶିଳ୍ପୀମାନଙ୍କୁ ଆମେ ଜାଣୁ । କିନ୍ତୁ ଜାଣୁନା ଶବ୍ଦଶିଳ୍ପୀମାନଙ୍କୁ । ଶବ୍ଦବ୍ରହ୍ମ, ସ୍ୱରବ୍ରହ୍ମ ଓ ନାଦବ୍ରହ୍ମ ସମନ୍ୱୟରେ ସଙ୍ଗୀତ ଉତ୍କର୍ଷ ଲାଭ କରେ । ଏ କ୍ଷେତ୍ରରେ ନିର୍ମଳା ମିଶ୍ର, ମହମ୍ମଦ ରଫି, ଅକ୍ଷୟ ମହାନ୍ତି, ସିକନ୍ଦର ଆଲାମ୍ ପ୍ରମୁଖ ଯେତିକି ସ୍ମରଣୀୟ, ତତୋଽଧିକ ସ୍ମରଣୀୟ ଜୀବନାନନ୍ଦ ପାଣି, ନାରାୟଣ ପ୍ରସାଦ ସିଂ, ବିନୋଦିନୀ ଦେବୀ ଓ ଶିବବ୍ରତ ଦାସ । ଗାୟକଙ୍କର ସ୍ୱର ଲାଳିତ୍ୟ ଓ ବାଦ୍ୟ ବିଚିତ୍ରା ଭିତରେ ଗୀତିକାରଙ୍କ ପରିଚୟ ହଜିଯାଏ । ଅନେକ ଭଜନର ଭଣିତାରେ ସାଲବେଗ ବା ବନମାଳୀଙ୍କ ନାମ ଶୁଣି ଶ୍ରୋତାମାନେ ଅବଶ୍ୟ ପୁଲକିତ ହୁଅନ୍ତି । କିନ୍ତୁ 'ଥକାମନ ଚାଲଯିବା' ଗୀତର ସେ ଶାରିଆ ଭିକ କିଏ କାହାକୁ ବା ଜଣା ? କେତେଜଣ ଜାଣନ୍ତି ମାଧବୀ ଦାସୀଙ୍କ ନାଁ, ଗାଁ, ଠିକଣା ? ଶ୍ରୀଚୈତନ୍ୟ ବେଳେବେଳେ ଶ୍ରୀମନ୍ଦିରରେ ଭାବବିହ୍ୱଳ ହୋଇ ଓଡ଼ିଆ ଗୀତ ଗାଉଥିଲେ, "ମନ ମାତିଲାରେ କଳା ଚନ୍ଦ୍ରମାକୁ ଦେଖି" । ଏହାର ଗୀତିକାର ମାଧବୀ ଦାସୀ, ଖୋର୍ଦ୍ଧାର ଏକ ସମ୍ଭ୍ରାନ୍ତ ପରିବାରର କୁଳବଧୂ, ଶ୍ରୀଜଗନ୍ନାଥଙ୍କ ଭକ୍ତ ତଥା ପଂଚସଖାଯୁଗୀୟ ଓଡ଼ିଆ ଗୀତିସାହିତ୍ୟର ପ୍ରାଣବନ୍ତ ନାରୀ ନିନାଦ ! ସେ ଯେମିତି ସଦା ଅଜ୍ଞାତବାସରେ । ସେନା ବା ଆରକ୍ଷୀ ବାହିନୀର ବାଦ୍ୟର ତାଳେ ତାଳେ 'ସାରେ ଜହାଁ ସେ ଅଚ୍ଛା, ହିନ୍ଦୁସ୍ତାଁ ହମାରା', 'କଦମ କଦମ ବଢ଼ାଏ ଯା, ଖୁସି କା ଗୀତ ଗାଏ ଯା' ଆଦି ସ୍ୱରଝଙ୍କାର କାହାକୁ ବା ସ୍ପନ୍ଦିତ ନକରେ ! କିନ୍ତୁ ଏହି ଅତ୍ୟନ୍ତ ଲୋକାଦୃତ ଦୁଇ ଗୀତର ରଚୟିତାଙ୍କୁ କେତେଜଣ ଜାଣନ୍ତି ? ଅବଶ୍ୟ 'ସାରେ ଜହାଁ ସେ ଅଚ୍ଛା' ଗୀତର ଗୀତିକାର ମହମ୍ମଦ ଇକବାଲ ବୁଦ୍ଧିଜୀବୀ ମହଲରେ ଜଣାଶୁଣା, ଗୀତ ପାଇଁ ଯେତେ ନୁହନ୍ତି, ତା' ଠାରୁ ଅଧିକ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଆକସ୍ମିକ ପଟ ପରିବର୍ତ୍ତନ ପାଇଁ । କିନ୍ତୁ ନେତାଜୀଙ୍କ 'ଆଜାଦ୍ ହିନ୍ଦ୍ ଫୌଜ'ର ସମର ସଙ୍ଗୀତ ବିଷୟରେ ପ୍ରାୟ ସମସ୍ତେ ଅଜ୍ଞ । କୋଟି ହୃଦୟରେ ଦେଶପ୍ରୀତିର ଶିହରଣ ସୃଷ୍ଟି କରୁଥିବା ଏହି କବିତାର ସ୍ରଷ୍ଟା କିଏ ? ହିନ୍ଦୀ ସାହିତ୍ୟର ଜଣେ ଯଶସ୍ୱୀ କବି ବଂଶୀଧର ଶୁକ୍ଳ । କେବେ କେହି ତାଙ୍କୁ ସ୍ମରଣ କରନ୍ତି କି ? ଏମିତି ଅନେକ ଗୀତର ଝଙ୍କାର ଶ୍ରୋତାମାନଙ୍କ ହୃଦୟରେ ସ୍ପନ୍ଦନ ସୃଷ୍ଟି କରେ । କିନ୍ତୁ ଏହି ସ୍ପନ୍ଦନ ପଛର ବିଶ୍ୱକର୍ମାଙ୍କୁ ଶ୍ରୋତାମାନେ କେବେ ଲୋଡ଼ନ୍ତି ନାହିଁ । ଶିକ୍ଷା-ସମୃଦ୍ଧ ଭୂଖଣ୍ଡ ଇଂଲାଣ୍ଡର ଅବସ୍ଥା ଏହି ପରିପ୍ରେକ୍ଷୀରେ ଭିନ୍ନ ନୁହେଁ । 'ଦ ଡିଜାର୍ଟେଟ୍ ଭିଲେଜ୍' ପରି ପ୍ରସିଦ୍ଧ କବିତାର ସୁପ୍ରସିଦ୍ଧ କବି ଓଲିଭର ଗୋଲ୍ ?ଡସ୍ମିଥ୍ ଲଣ୍ଡନ ଗଳିରେ ଏକ ଅଶ୍ରୁତ ଓ ବିସ୍ମୃତ ଉଚ୍ଚାରଣ । ତାଙ୍କ ସମାଧି ଅନ୍ୱେଷଣରେ ଏକଦା ବାହାରିଥିଲେ ବରେଣ୍ୟ କଥାକାର ମନୋଜ ଦାସ । ଅନେକଙ୍କୁ ପଚାରିଲେ କବିଙ୍କ ସମାଧି ପୀଠରେ ଅବସ୍ଥିତି ବିଷୟରେ । ଉତ୍ତରରେ ପାଇଲେ ଏକ ବିକଳ ସ୍ମିତହାସ୍ୟ । ବିଜନ ପଲ୍ଲୀର କବିଙ୍କ ଠିକଣା ବହୁ କସରତ ପରେ ଅବଶ୍ୟ ପାଇଲେ ମନୋଜ ଦାସ, ଯାହା ତାଙ୍କ 'ଦୂର ଦୂରାନ୍ତର' ଭ୍ରମଣ ବୃତ୍ତାନ୍ତର ଏକ ମନୋଜ୍ଞ ଅଧ୍ୟାୟ । ପ୍ରାୟ ସବୁକାଳରେ ସବୁଠି କବିମାନେ ଏମିତି ଖାଲି 'ନେପଥ୍ୟ-ସଙ୍ଗୀତ' !

ଘର ବାହୁଡ଼ା

କାର୍ଯ୍ୟ ସଂପାଦନ ପାଇଁ 'କ୍ଲାଉଡ୍ କମ୍ପ୍ୟୁଟିଙ୍ଗ'ରୁ 'ଏଆଇ' ପର୍ଯ୍ୟନ୍ତ ସାଧନମାନ ବର୍ତ୍ତମାନ ଉପଲବ୍ ?ଧ ଥିବାବେଳେ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କର ଦେ ?ହିକ ଉପସ୍ଥିତି ଯେତେବେଳେ ଗୁରୁତ୍ୱ ହରାଇ ଚାଲିଛି, ସେତେବେଳେ 'ଘରେ ଥାଇ କାମ' ବ୍ୟବସ୍ଥାକୁ ପ୍ରତ୍ୟାବର୍ତ୍ତନ ନିଶ୍ଚିତ ରୂପେ କଂପାନି, କର୍ମଚାରୀ ତଥା ସମଗ୍ର ଅର୍ଥନୀତି ପାଇଁ ଲାଭଜନକ ହେବ । ଭାରତର କର୍ପୋରେଟ୍ କ୍ଷେତ୍ର ତେଣୁ ପ୍ରଧାନମନ୍ତ୍ରୀଙ୍କର ଆହ୍ୱାନକୁ ଏକ ସୁଯୋଗ ଭାବରେ ଗ୍ରହଣ କରି ତା'ର ସଦ୍ ?ବ୍ୟବହାର କରିବା ଆଶା କରାଯାଏ ।କଥାରେ ଅଛି ମରୁଭୂମିରେ ଝଡ଼ ଆସିବା ବେଳେ ସେଠାକାର ବାସିନ୍ଦା ଓଟପକ୍ଷୀ କୁଆଡ଼େ ବାଲି ଭିତରେ ତା'ର ମୁଣ୍ଡଟିକୁ ଭର୍ତ୍ତି କରିଦେଇ ଝଡ଼ ନାହିଁ ବୋଲି ନିଜେ ନିଜକୁ ବହଲାଇଥାଏ । ଏଭଳି ଆତ୍ମପ୍ରବଂଚନା ଅବଶ୍ୟ ଓଟପକ୍ଷୀଟିକୁ ଝଡ଼ର ଆଘାତରୁ ରକ୍ଷା କରି ନ ଥାଏ । ଏଭଳି ନ କରି ସେ ଯଦି ବରଂ କୌଣସି ସୁରକ୍ଷିତ ସ୍ଥାନ ଖୋଜି ସେଠାରେ ଆଶ୍ରୟ ନେଇଥାନ୍ତା, ତେବେ ଝଡ଼ ହୁଏତ ତା'ର ବିଶେଷ କ୍ଷତି ଘଟାଇ ପାରନ୍ତା ନାହିଁ । ଇରାନ ଯୁଦ୍ଧରୂପକ ଝଡ଼ ଏତେ ଦିନ ପରେ ମଧ୍ୟ ଥମିବାର ନାଁ ଧରୁ ନ ଥିବା ଦେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବେ ଦେଶବାସୀଙ୍କୁ ଆଉ କାଳବିଳମ୍ବ ନ କରି ଓଟପକ୍ଷୀ ସମ୍ମୁଖରେ ଉପଲବ୍ଧ ସେଇ ଦ୍ୱିତୀୟ ପନ୍ଥାଟି ଅନୁସରଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ବିପଦଆପଦ ସମୟରେ ନିଜର ଘରଠାରୁ ଅଧିକ ସୁରକ୍ଷିତ ସ୍ଥାନ ଆଉ କ'ଣ ଥାଏ ? ପ୍ରଧାନମନ୍ତ୍ରୀ ତେଣୁ ଏବେ ଆମଦାନି ହେଉଥିବା ଖାଇବା ତେଲ ବ୍ୟବହାର କମ୍ କରିବା ଠାରୁ, ସୁନା ପ୍ରତି ଆସକ୍ତି ନିୟନ୍ତ୍ରଣ କରିବା, ବିଦେଶ ଭ୍ରମଣରୁ ନିବୃତ୍ତ ହେବା, ସାର୍ବଜନୀନ ପରିବହନ ବ୍ୟବସ୍ଥା ବ୍ୟବହାର କରିବା ଆଦି ଭଳି ଯେଉଁ ସମସ୍ତ ଆପଦ୍ ?କାଳୀନ ପନ୍ଥା ଅନୁସରଣ କରିବା ପାଇଁ ଭାରତବାସୀଙ୍କୁ ଅନୁରୋଧ କରିଛନ୍ତି, ସେଥିରେ ଯାହା ଏକ ପ୍ରମୁଖ ସ୍ଥାନ ଅଧିକାର କରିଥାଏ, ତାହା ହେଉଛି- 'ଘରେ ଥାଇ କାମ' ବା 'ୱର୍କ ଫ୍ରମ୍ ହୋମ୍' ('ଡବ୍ଲ୍ୟୁଏଫଏଚ୍') । ଏହି ଲଘୁ ସ୍ୱର ପରିହାର କରି ଯଦି ଦେଖାଯାଏ, ତେବେ ଯାହା ସ୍ପଷ୍ଟ ହୋଇଥାଏ, ତାହା ହେଲା, ପ୍ରଧାନମନ୍ତ୍ରୀଙ୍କର ଏଇ ନିର୍ଦ୍ଦିଷ୍ଟ ନିବେଦନଟି ଯେଉଁମାନଙ୍କ ପ୍ରତି ଉଦ୍ଦିଷ୍ଟ, ସେମାନେ ହେଉଛନ୍ତି ଦେଶର ଘରୋଇ କ୍ଷେତ୍ରରେ ସକ୍ରିୟ ଥିବା ନିଯୁକ୍ତିଦାତା କଂପାନି ଓ ବ୍ୟବସାୟମାନେ । ଅଳ୍ପ ଦିନ ତଳେ କୋଭିଡ୍-୧୯ ପାଣ୍ଡେମିକ୍ ସମୟରେ ଏକ ଭିନ୍ନ କାରଣରୁ (ସଂକ୍ରମଣ ସୀମିତ କରିବା ଉଦ୍ଦେଶ୍ୟରେ) ସେମାନେ ଯେଉଁଭଳି ସେମାନଙ୍କର କର୍ମଚାରୀମାନଙ୍କୁ ଆଧୁନିକ ଡିଜିଟାଲ ପ୍ରବିଧି ବ୍ୟବହାର କରି ଘରେ ଥାଇ କାମ କରିବାକୁ ଅନୁମତି ଦେଇଥିଲେ, ବର୍ତ୍ତମାନ ମଧ୍ୟ ସେଇଭଳି ଆଉ ଏକ ଭିନ୍ନ ଜାତୀୟ ବିପତ୍ତିର ମୁକାବିଲା କରିବା ନିମିତ୍ତ ସେମାନେ ସେଇ ପନ୍ଥାର ପୁନଃ ଅନୁସରଣ କରିବେ ବୋଲି ଆଶା କରାଯାଉଛି । କୋଭିଡ୍ ପାଣ୍ଡେମିକ୍‌ର ଅବସାନ ପରେ କର୍ମଚାରୀମାନେ ପୁଣି କାର୍ଯ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିବେ ନା ନାହିଁ, ଏଇ ପ୍ରଶ୍ନକୁ କେନ୍ଦ୍ର କରି ସେତେବେଳେ କର୍ପୋରେଟ୍ ପରିସରରେ ଯେଉଁ ବିତର୍କର ସୂତ୍ରପାତ ହୋଇଥିଲା, ସେଥିରେ ଯେଉଁସବୁ ପ୍ରସଙ୍ଗ ଉପରେ ଧ୍ୟାନ କେନ୍ଦ୍ରୀଭୂତ ହେବା ଦେଖାଯାଇଥିଲା, ତାହା ହେଲା- ପରିଚାଳକୀୟ ଅଧୀକ୍ଷଣ, କର୍ମସ୍ଥଳୀ ସଂସ୍କୃତିର ସୁରକ୍ଷା, ବ୍ୟାବସାୟିକ ରିଅଲ୍ ଇଷ୍ଟେଟ୍‌ର ଉପଯୋଗ ଆଦି । ଅନ୍ୟ ଭାବରେ କହିଲେ, ଯୁକ୍ତି କରାଯାଏ ଯେ କର୍ମଚାରୀମାନେ ସେମାନଙ୍କର ପରିଚାଳକଙ୍କ ପ୍ରତ୍ୟକ୍ଷ ନଜର ତଳେ କର୍ମସ୍ଥଳୀରେ ଉପସ୍ଥିତ ରହି କାର୍ଯ୍ୟ କଲେ ପରିଚାଳକଙ୍କ ପକ୍ଷରେ ସେମାନଙ୍କ କାର୍ଯ୍ୟ ଓ ଆଚରଣର ତଦାରଖ କରିବା ସହଜ ହୋଇଥାଏ; କର୍ମଚାରୀମାନେ କର୍ମସ୍ଥଳୀରେ ଉପସ୍ଥିତ ହୋଇ ପରସ୍ପରର ସାନ୍ନିଧ୍ୟ ଲାଭ କରିବା ଦ୍ୱାରା ସେମାନଙ୍କ ମଧ୍ୟରେ ସହଯୋଗ ବୃଦ୍ଧି ପାଇ ସେମାନଙ୍କର ଉତ୍ପାଦନଶୀଳତାରେ ଉନ୍ନତି ଘଟିଥାଏ; ସ୍ୱାଭାବିକ ଭାବରେ କଂପାନିମାନେ କାର୍ଯ୍ୟାଳୟ ସ୍ଥାପନ କରିବା ଦ୍ୱାରା ରିଅଲ୍ ଇଷ୍ଟେଟ୍ ବ୍ୟବସାୟ ପରିପୁଷ୍ଟ ହୋଇଥାଏ । ବର୍ତ୍ତମାନ କିନ୍ତୁ କୋଭିଡ୍ ପାଣ୍ଡେମିକ୍‌ର ଅବସାନ ପରେ ପରେ ଅନ୍ୟ ଦେଶମାନଙ୍କ ସହିତ ଭାରତ ପୁଣି ଏକ ଗୁରୁତର ଆନ୍ତର୍ଜାତିକ ସଂକଟର ସମ୍ମୁଖୀନ ହେବା ପରିପ୍ରେକ୍ଷୀରେ ଉପରୋକ୍ତ 'ଘରେ ଥାଇ କାମ' ସଂପର୍କିତ ବିତର୍କ ଆଉ ସେଇ ପ୍ରସଙ୍ଗମାନଙ୍କ ମଧ୍ୟରେ ସୀମିତ ହୋଇ ରହିନାହିଁ । ବର୍ତ୍ତମାନ ଭାରତର କର୍ପୋରେଟ୍ କ୍ଷେତ୍ର ଯେଉଁ ବୃହତର ପ୍ରଶ୍ନର ସମ୍ମୁଖୀନ, ତାହା ହେଲା ଏଭଳି ନିୟମିତ ବାହ୍ୟ ଘାତପ୍ରତିଘାତର ସମ୍ମୁଖୀନ ହେଲେ ଦକ୍ଷତାର ସହିତ କାର୍ଯ୍ୟ କରି ଚାଲିବା ପାଇଁ ଭାରତୀୟ ଅର୍ଥନୀତିର ସଂଗଠିତ କ୍ଷେତ୍ର ନିକଟରେ ଆବଶ୍ୟକ ନମନୀୟତା ଉପଲବ୍ଧ ଅଛି ନା ନାହିଁ ? ଆବଶ୍ୟକ ସ୍ଥଳେ ସେମାନଙ୍କର ଉତ୍ପାଦନଶୀଳତା ଅକ୍ଷୁଣ୍ଣ ରହି କର୍ମଚାରୀମାନେ ଘରେ ଥାଇ କାମ କରିବାର କ୍ଷମତା ହେଉଛି ଏଭଳି ନମନୀୟତାର ଏକ ଅଂଶ । ଇରାନ ଯୁଦ୍ଧ ଯୋଗୁଁ ପୃଥିବୀର ପ୍ରାୟ ପ୍ରତ୍ୟେକ ଦେଶ ତୈଳ ଯୋଗାଣ ସଂକୋଚନ ଓ ତୈଳ ଦର ବୃଦ୍ଧି ଭଳି ସଂକଟର ସମ୍ମୁଖୀନ ହୋଇଛନ୍ତି । ପ୍ରାୟ ସଂପୂର୍ଣ୍ଣ ରୂପେ ତୈଳ ଆମଦାନି ଉପରେ ନିର୍ଭରଶୀଳ ହୋଇଥିବା ଭାରତ ପରି ଏକ ବୃହତ୍ ଅର୍ଥନୀତି ପାଇଁ ଏହି ସଂକଟ ସ୍ୱାଭାବିକ ଭାବରେ ଗୁରୁତର ରୂପ ପରିଗ୍ରହଣ କରିଥାଏ । ଏଇ ସଂକଟର ଆଂଶିକ ମୁକାବିଲାର ଏକ ଉପାୟ ହେଉଛି- 'ଘରେ ଥାଇ କାମ' । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତର ଅର୍ଥନୈ ?ତିକ ପ୍ରାଣକେନ୍ଦ୍ର ରୂପେ ପରିଚିତ ନଗର ଓ ସହରମାନଙ୍କର ରାସ୍ତାଘାଟରେ ସୃଷ୍ଟି ହେଉଥିବା ଗାଡ଼ିମଟରମାନଙ୍କର ଅସମ୍ଭବ ଭିଡ଼ ଯୋଗୁଁ ନଷ୍ଟ ହେଉଥିବା ସମୟ, ଇନ୍ଧନ, ସମ୍ବଳ ଓ ଉତ୍ପାଦନଶୀଳତା ଅର୍ଥନୀତି ପାଇଁ ଏକ ଅନାବଶ୍ୟକ ବୋଝ ସୃଷ୍ଟି କରିଥାଏ । ଇନ୍ଧନର ଆମଦାନି ମୂଲ୍ୟରେ ବୃଦ୍ଧି ଘଟିବା ବେଳେ ଏହାର ଅନାବଶ୍ୟକ ବ୍ୟବହାର ଯୋଗୁଁ ଦେଶର ବୈଦେଶିକ ମୁଦ୍ରା ପାଣ୍ଠିର ମଧ୍ୟ ଅପଚୟ ଘଟିଥାଏ ।କୋଭିଡ୍ ପାଣ୍ଡେମିକ୍ ସମୟରେ ପ୍ରମାଣିତ ହୋଇଛି ଯେ ଭାରତରେ ଉପଲବ୍ଧ ଡିଜିଟାଲ ସାଧନମାନଙ୍କର ବ୍ୟବହାର ଦ୍ୱାରା ଦୀର୍ଘ କାଳ ଧରି 'ଘରେ ଥାଇ କାମ' ଭଳି କାର୍ଯ୍ୟ ସଂପାଦନର ବିକ୍ଷିପ୍ତୀକରଣ ଘଟିଥିଲେ ମଧ୍ୟ ଉତ୍ପାଦନଶୀଳତା ବାଧାପ୍ରାପ୍ତ ହୋଇ ନ ଥିଲା । ପାଣ୍ଡେମିକ୍ ଦ୍ୱାରା ସୃଷ୍ଟ ସଂକଟ ବର୍ତ୍ତମାନର ସଂକଟ ଠାରୁ ବହୁ ଅଧିକ ଗୁରୁତର ହୋଇଥିଲେ ମଧ୍ୟ ଟେକ୍‌ନୋଲୋଜି କଂପାନିମାନଙ୍କ ଠାରୁ କନ୍‌ସଲ୍‌ଟିଙ୍ଗ କଂପାନି, ଫାଇନାନ୍‌ସିଆଲ୍ ସର୍ଭିସ କଂପାନି, ଡିଜିଟାଲ ମିଡିଆ ଓ ଶିକ୍ଷାଦାନ ସଂସ୍ଥାମାନଙ୍କ ପର୍ଯ୍ୟନ୍ତ ଡିଜିଟାଲ ପ୍ରବିଧିର ବ୍ୟବହାର ମାଧ୍ୟମରେ ଦୂରରେ ଥାଇ କାର୍ଯ୍ୟ ସଂପାଦନ କରି ନିଜର ଉତ୍ପାଦନଶୀଳତା ବଜାୟ ରଖି ପାରିଥିଲେ । ଏଥିରେ ସନ୍ଦେହ ନାହିଁ ଯେ ଭାରତର ଡିଜିଟାଲ ଟେକ୍‌ନୋଲୋଜି ଇତିମଧ୍ୟରେ ଆହୁରି ପରିପକ୍ୱ ହୋଇଗଲାଣି । ଏହା ଦ୍ୱାରା ଆହୁରି ଅଧିକ କ୍ଷେତ୍ରମାନଙ୍କରେ ଦକ୍ଷତାର ସହିତ କାର୍ଯ୍ୟ ସଂପାଦନର ବିକ୍ଷିପ୍ତୀକରଣ ସମ୍ଭବ ହୋଇପାରିବ । କୋଭିଡ୍‌ର କଳାଛାଇ ଅପସରି ଯିବା ପରେ କିନ୍ତୁ ଏଠାରେ ଅଧିକାଂଶ କଂପାନି ପୁଣି ପାରମ୍ପରିକ କର୍ମସ୍ଥଳୀ ସଂସ୍କୃତିକୁ ପ୍ରତ୍ୟାବର୍ତ୍ତନ କରିବା ଦେଖାଯାଇଛି । କେତେକ କ୍ଷେତ୍ରରେ ସାଂଗଠନିକ କାରଣରୁ ଏହା ଯଥାର୍ଥ ହୋଇଥିବା ବେଳେ, ଅଧିକାଂଶ କ୍ଷେତ୍ରରେ ଏହା ଅଭ୍ୟାସର ଦାସତ୍ୱର ପରିଚାୟକ ହୋଇଥାଏ । ଚାକ୍ଷୁଷ ସମୀପ ଅଧୀକ୍ଷଣ ସହିତ ଅଭ୍ୟସ୍ତ ପରିଚାଳକମାନେ ଡିଜିଟାଲ ଅଧୀକ୍ଷଣକୁ ଏକ କାମଚଳା ଉପାୟ ରୂପେ ଦେଖିଥାନ୍ତି, ଏକ ବିଧିବଦ୍ଧ ପରିଚାଳନା ପଦ୍ଧତି ରୂପେ ଗ୍ରହଣ କରି ନଥାନ୍ତି । ମାନବ ସମ୍ବଳ ପରିଚାଳକମାନେ ଉତ୍ପାଦନଶୀଳତା ଅପେକ୍ଷା କାର୍ଯ୍ୟାଳୟରେ ଉପସ୍ଥାନକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଥାନ୍ତି । କାର୍ଯ୍ୟ ସଂପାଦନ ପାଇଁ 'କ୍ଲାଉଡ୍ କମ୍ପ୍ୟୁଟିଙ୍ଗ'ରୁ 'ଏଆଇ' ପର୍ଯ୍ୟନ୍ତ ସାଧନମାନ ବର୍ତ୍ତମାନ ଉପଲବ୍ଧ ଥିବାବେଳେ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କର ଦୈହିକ ଉପସ୍ଥିତି ଯେତେବେଳେ ଗୁରୁତ୍ୱ ହରାଇ ଚାଲିଛି, ସେତେବେଳେ 'ଘରେ ଥାଇ କାମ' ବ୍ୟବସ୍ଥାକୁ ପ୍ରତ୍ୟାବର୍ତ୍ତନ ନିଶ୍ଚିତ ରୂପେ କଂପାନି, କର୍ମଚାରୀ ତଥା ସମଗ୍ର ଅର୍ଥନୀତି ପାଇଁ ଲାଭଜନକ ହେବ । ଭାରତର କର୍ପୋରେଟ୍ କ୍ଷେତ୍ର ତେଣୁ ପ୍ରଧାନମନ୍ତ୍ରୀଙ୍କର ଆହ୍ୱାନକୁ ଏକ ସୁଯୋଗ ଭାବରେ ଗ୍ରହଣ କରି ତା'ର ସଦ୍‌ବ୍ୟବହାର କରିବା ଆଶା କରାଯାଏ । ସେମାନେ ଯେତେ ଦୂର ସମ୍ଭବ ସେମାନଙ୍କର କର୍ମଚାରୀମାନଙ୍କୁ ଘରକୁ ବାହୁଡ଼ି ଯାଇ ଘରେ ଥାଇ କାମ କରିବାକୁ କହି ଜାତୀୟ ସ୍ୱାର୍ଥ ରକ୍ଷା କରନ୍ତୁ ।

ସନାତନର ଶତ୍ରୁ

ଭାରତ ଏକ ଅସଂଖ୍ୟ ବିରୋଧାଭାଷର ଦେଶ ରୂପେ ସୁପରିଚିତ ହୋଇଥିଲେ ହେଁ, ବର୍ତ୍ତମାନ ଏଠାରେ ଏପରି ଏକ ବିରୋଧାଭାଷ ସଦ୍ୟ ସଦ୍ୟ ଲୋକଲୋଚନକୁ ଆସିଛି, ଯାହା ଯେତିକି ଅବିଶ୍ୱାସ୍ୟ, ସେତିକି ଚିନ୍ତାଜନକ ହୋଇଥାଏ । ଭାରତରେ ସହରରୁ ଗ୍ରାମ ପର୍ଯ୍ୟନ୍ତ ବିଛାଇ ହୋଇ ରହିଥିବା ବଡ଼ ବଡ଼ ଫଳକରେ ଲାଗିଥିବା ସରକାରୀ ବିଜ୍ଞାପନମାନ ଦେଖିବାକୁ ମିଳିଥାଏ, ଯେଉଁଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଆହ୍ୱାନ ଦେଇଥାନ୍ତି: 'ବେଟୀ ବଚାଓ, ବେଟୀ ପଢ଼ାଓ' । ସତେ ସେମିତି ଏଇ ଆହ୍ୱାନକୁ କାର୍ଯ୍ୟରେ ପରିଣତ କଲାଭଳି ବର୍ତ୍ତମାନ ଦେଶବ୍ୟାପୀ ଯେଉଁ ବିଭିନ୍ନ ବୋର୍ଡ ପରୀକ୍ଷା ଫଳାଫଳମାନ ପ୍ରକାଶ ପାଇବାରେ ଲାଗିଛି, ସେଥିରେ ନିୟମିତ ଭାବରେ ବାଳିକାମାନେ ବାଳକମାନଙ୍କୁ ପଛରେ ପକାଇବା ଦେଖାଯାଇଛି । ବିଦ୍ୟାଳୟ ସ୍ତରରେ ଏଭଳି ସଫଳତା ହାସଲ କରିବା ପରେ ଛାତ୍ରୀମାନେ ଯେ ଆଉ ପୂର୍ବଭଳି ସେମାନଙ୍କର ପାଠରେ ଡୋରି ବାନ୍ଧି ଦେଇ ବିବାହ ଓ ଘରସଂସାରରେ ଆବଦ୍ଧ ହୋଇ ଯାଉନାହାନ୍ତି, ତା'ର ଏକ ପ୍ରମାଣ ସ୍ୱରୂପ ଦେଖାଯାଇଛି ଦେଶରେ ଏମ୍‌ଫିଲ୍ ପାଇଁ ଯେତିକି ସଂଖ୍ୟକ ଶିକ୍ଷାର୍ଥୀମାନଙ୍କର ପଞ୍ଜୀକରଣ ଘଟୁଛି, ତାହାର ପ୍ରାୟ ତିନି-ଚତୁର୍ଥାଂଶ ହେଉଛନ୍ତି ଛାତ୍ରୀ । ଭାରତର ବିଶ୍ୱବିଦ୍ୟାଳୟମାନଙ୍କରୁ ପ୍ରତି ବର୍ଷ ଯେତିକି ସଂଖ୍ୟକ ସ୍ନାତକ ବାହାରୁଛନ୍ତି, ତା'ର ପ୍ରାୟ ଅର୍ଦ୍ଧେକ ହେଉଛନ୍ତି ଛାତ୍ରୀ । ଏଭଳି ଚିତ୍ର ଯେତେବେଳେ ଦେଶରେ ନାରୀଶିକ୍ଷା ସମ୍ବନ୍ଧରେ ଏକ ଅତ୍ୟନ୍ତ ସକାରାତ୍ମକ ଧାରଣା ବହନ କରି ଦେଶବାସୀଙ୍କ ମନରେ ଏକ ଗଭୀର ସନ୍ତୋଷ ସୃଷ୍ଟି କରିଥାଏ (ଯାହା ପ୍ରଧାନମନ୍ତ୍ରୀଙ୍କୁ ନିଶ୍ଚିତ ରୂପେ ହୃଷ୍ଟ କରୁଥିବ), ଠିକ୍ ସେତିକିବେଳେ ସେଇ ପ୍ରଧାନମନ୍ତ୍ରୀଙ୍କ ଦଳ ଭାରତୀୟ ଜନତା ପାର୍ଟିର ଜଣେ ତୁଙ୍ଗ ନେତା ନାରୀଶିକ୍ଷା ସମ୍ବନ୍ଧରେ ଏଭଳି ଏକ ବିରୋଧାତ୍ମକ ପଶ୍ଚାତ୍‌ମୁଖୀ ମନ୍ତବ୍ୟ ପ୍ରଦାନ କରିବା ଦେଖାଯାଇଛି, ଯାହା ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇ ସମସ୍ତଙ୍କୁ ହତଭମ୍ବ କରିଦେଇଛି । ଏ ନେତା ଜଣକ ପୁଣି ଏକ ନିଷ୍ଠୁର ବିଡ଼ମ୍ବନା ସଦୃଶ ହେଉଛନ୍ତି ଖୋଦ୍ ଏକ ଗୁରୁତ୍ୱପୂର୍ଣ୍ଣ ବିଜେପି-ଶାସିତ ରାଜ୍ୟର ଶିକ୍ଷାମନ୍ତ୍ରୀ । ସେ ରାଜ୍ୟ ହେଉଛି ବିହାର ଓ ସେ ମନ୍ତ୍ରୀଙ୍କ ନାମ ହେଉଛି ମିଥିଳେଶ ତିୱାରି । ଏ ମହାଶୟ ଅଶିକ୍ଷିତ ନୁହନ୍ତି- ସେ ହେଉଛନ୍ତି ଅର୍ଥଶାସ୍ତ୍ରରେ ସମ୍ମାନ ସହ ସ୍ନାତକ ଡିଗ୍ରିଧାରୀ ଏବଂ ରାଜନୀତିକୁ ବୃତ୍ତି ରୂପେ ଗ୍ରହଣ କରିବା ପୂର୍ବରୁ ଖୋଦ୍ ଜଣେ ଶିକ୍ଷକ ଥିଲେ । ଘରର ଚାରିକାନ୍ଥ ମଧ୍ୟରେ ହିଁ ଝିଅମାନେ ମୂଲ୍ୟବାନ ହୋଇଥାନ୍ତି ବୋଲି ଯୁକ୍ତି କରି ସେ ଉପରୋକ୍ତ ଭିଡିଓରେ ପ୍ରଶ୍ନ କରିଛନ୍ତି: ''ଆମ ଘର ଭିତରେ ଆମ ଝିଅମାନେ ହେଉଛନ୍ତି ଆମର ଶକ୍ତି, ଆମ ସମୃଦ୍ଧିର ମୂଳଭିତି... ଶିକ୍ଷାର କ'ଣ ଆବଶ୍ୟକତା ଅଛି ?'' ପ୍ରଧାନମନ୍ତ୍ରୀଙ୍କର 'ବେଟୀ ବଚାଓ, ବେଟୀର ପଢ଼ାଓ' ଆହ୍ୱାନର ଏହାଠାରୁ ଅଧିକ ସିଧାସଳଖ ବିରୋଧ ଆଉ କ'ଣ ହୋଇପାରେ ? ତିୱାରିଙ୍କର ଏହି ମନ୍ତବ୍ୟକୁ କୌଣସି ଏକ ଅନାମଧେୟ ରାଜନେତାଙ୍କର ଏକ ଚିରାଚରିତ ଅପରିଣାମଦର୍ଶୀ ମନ୍ତବ୍ୟ ରୂପେ ବିଚାର କରାଯାଇ ପାରିବ ନାହିଁ, ଯାହାକୁ କ୍ଷଣସ୍ଥାୟୀ ବୋଲି ଧରିନେଇ ଆଡ଼େଇ ଦେଇହେବ । ଏଇ ମନ୍ତବ୍ୟ ପ୍ରଦାନକାରୀ ଜଣକ ହେଉଛନ୍ତି ଜଣେ ଅପ୍ରମିତ କ୍ଷମତା, ପ୍ରଭାବ ଓ ପ୍ରଭୁତ୍ୱର ଅଧିକାରୀ ହୋଇଥିବା ନେତା । ନିଜର ଏଭଳି ନାରୀଶିକ୍ଷା-ବିରୋଧୀ ରକ୍ଷଣଶୀଳ ଚିନ୍ତାଧାରାକୁ ବାସ୍ତବତାରେ ପରିଣତ କରିବା ପାଇଁ ଆବଶ୍ୟକ କ୍ଷମତା ତାଙ୍କ ପାଖରେ ମହଜୁଦ ରହିଛି । ଦୀର୍ଘ ସଂଗ୍ରାମ ପରେ ଦେଶରେ ନାରୀଶିକ୍ଷାରେ ଯେଉଁ ଅଗ୍ରଗତି ଘଟିଛି, ତିୱାରି ଚାହିଁଲେ ନିଜ ରାଜ୍ୟରେ ତାହାକୁ ଓଲଟାଇ ଦେଇ ପାରିବେ । ଯେଉଁ ସଂଗଠନମାନେ ନାରୀଶିକ୍ଷାର ପ୍ରସାର ପାଇଁ ଦୀର୍ଘ କାଳ ଧରି ଆନ୍ଦୋଳନ କରିଆସିଛନ୍ତି, ସେମାନେ ବର୍ତ୍ତମାନ ଖୋଦ୍ ଶିକ୍ଷାମନ୍ତ୍ରୀଙ୍କ ରୂପରେ ଏକ ଅଲଂଘ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବେ ବୋଲି ଆଶଙ୍କା କରୁଛନ୍ତି । ବିହାର ଶିକ୍ଷାମନ୍ତ୍ରୀଙ୍କର ଏଭଳି ନାରୀଶିକ୍ଷା-ବିରୋଧୀ ଆଭିମୁଖ୍ୟ କେବଳ ଏକ ରକ୍ଷଣଶୀଳ, ନିର୍ବୋଧ ପୁରୁଷ-କେନ୍ଦ୍ରିକ ମାନସିକତାର ପରିଚାୟକ ନୁହେଁ, ଏହା ମଧ୍ୟ ଏକ ଚରମ ଅକୃତଜ୍ଞତାର ସ୍ୱାକ୍ଷର ବହନ କରିଥାଏ । ମନ୍ତ୍ରୀ ତିୱାରିଙ୍କ ଦଳ ଏଥର ବିହାର ବିଧାନସଭା ନିର୍ବାଚନରେ ଯେଉଁ ଚମକପ୍ରଦ ସଫଳତା ଲାଭ କରିଛି, ଓ ସେଥିଯୋଗୁଁ ସେ ତାଙ୍କର ମନ୍ତ୍ରୀ ପଦ ଲାଭ କରିପାରିଛନ୍ତି, ତାହା ସମ୍ଭବ ହେବା ପଛରେ ଯେଉଁ ମୁଖ୍ୟ ଶକ୍ତି କାର୍ଯ୍ୟ କରିଛି, ତାହା ହେଉଛି ବିହାରର ମହିଳା ମତଦାତାମାନେ 'ଏନ୍‌ଡିଏ' ଓ ତା'ର ଅଂଶୀଦାର 'ବିଜେପି'କୁ ପ୍ରଦାନ କରିଥିବା ବିପୁଳ ସମର୍ଥନ । ଶିକ୍ଷାମନ୍ତ୍ରୀ ତିୱାରି ତାହାର ପ୍ରତିଦାନରେ ମହିଳାମାନଙ୍କର ମଙ୍ଗଳ ସାଧନ ଓ ସଶକ୍ତୀକରଣ ପାଇଁ କାର୍ଯ୍ୟ କରିବା ପରିବର୍ତ୍ତେ, ସେମାନଙ୍କର ଅମଙ୍ଗଳ ସାଧନ ଓ ସେମାନଙ୍କୁ ଦୁର୍ବଳ କରିବା ପାଇଁ ମହିଳାମାନଙ୍କୁ ଶିକ୍ଷାରୁ ବଂଚିତ କରି ଅଶିକ୍ଷିତା ଅବସ୍ଥାରେ ଗୃହବନ୍ଦିନୀ ରଖିବାକୁ ଚାହୁଁଛନ୍ତି । ବର୍ତ୍ତମାନ ସମୟରେ ଆଉ କାହାରିକୁ ବୁଝାଇବା ଅନାବଶ୍ୟକ ଯେ ନାରୀମାନଙ୍କୁ ଯାହା ନିଷ୍ପତି ନେବାର ସ୍ୱାଧୀନତା ବା ସମାଜତାତ୍ତ୍ୱିକ ଭାଷାରେ 'ଏଜେନ୍ ?ସି' ଲାଭ କରି ନିଜର ଜୀବନକୁ ନିଜର ନିୟନ୍ତ୍ରଣରେ ରଖିବାରେ ସବୁଠାରୁ ଅଧିକ ସହାୟକ ହୋଇଥାଏ, ତାହା ହେଉଛି- ଶିକ୍ଷା । ଏହା ମଧ୍ୟ ସୁବିଦିତ ଯେ ନାରୀଶିକ୍ଷାର ସୁଫଳ କେବଳ ସଂପୃକ୍ତା ନାରୀମାନଙ୍କ ମଧ୍ୟରେ ସୀମିତ ହୋଇ ରହି ନ ଥାଏ; ଏହା ପରିବାରରୁ ଆରମ୍ଭ କରି ସମାଜ ଓ ସମଗ୍ର ଦେଶର ଉନ୍ନତି ସାଧନରେ ଏକ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥାଏ । ଶିକ୍ଷାମନ୍ତ୍ରୀ ଜଣକ କିନ୍ତୁ ଏ ସମ୍ବନ୍ଧରେ ସଂପୂର୍ଣ୍ଣ ଅଜ୍ଞ ଥିବା ଭଳି ମନେହୁଏ । ତିୱାରିଙ୍କ ମନ୍ତବ୍ୟକୁ ଯାହା ଆହୁରି ନିନ୍ଦନୀୟ କରିଥାଏ, ତାହା ହେଉଛି ନାରୀଶିକ୍ଷା ମାନଚିତ୍ରରେ ତାଙ୍କ ନିଜ ରାଜ୍ୟର ଶୋଚନୀୟ ସ୍ଥିତି । ବିଦ୍ୟାଳୟକୁ ନ ଯାଇ ଘରେ ରହିଯାଉଥିବା ଝିଅମାନଙ୍କ ସଂଖ୍ୟାକୁ ତୁଳନା କଲେ ଦେଖାଯାଇଥାଏ, ବିହାରରେ ସେମାନଙ୍କର ସଂଖ୍ୟା ହେଉଛି ଦେଶରେ ଦ୍ୱିତୀୟ ସର୍ବୋଚ୍ଚ (ଏହା ଅବଶ୍ୟ ତିୱାରିଙ୍କୁ ଉତ୍ ?ଫୁଲ୍ଲିତ କରୁଥିବ) । ସେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ 'ଜେଡିୟୁ'ର ନୀତୀଶ କୁମାରଙ୍କୁ ଯେତେ ପ୍ରଶଂସା କଲେ ଯଥେଷ୍ଟ ହେବନାହିଁ ଯେ ସେ ନାରୀଶିକ୍ଷାକୁ ପ୍ରୋତ୍ସାହନ ଦେବା ପାଇଁ ବିଭିନ୍ନ ସକ୍ରିୟ ପଦକ୍ଷେପ (ଯେମିତି ମାଗଣା ସାଇକେଲରୁ ମାଗଣା ପୋଷାକ ଯୋଗାଣ ପର୍ଯ୍ୟନ୍ତ) ନେଇ ଏଥିରେ ଉଲ୍ଲେଖନୀୟ ଉନ୍ନତି ଘଟାଇଲା ପରେ ମଧ୍ୟ ସେଠାରେ ଏଇଭଳି ଚିତ୍ର ଦେଖିବାକୁ ମିଳୁଛି । ବର୍ତ୍ତମାନ ଆଶଙ୍କା କରାଯାଉଛି ଯେ ସେ ରାଜ୍ୟର ନେତୃପଦରୁ ନୀତୀଶଙ୍କର ପ୍ରସ୍ଥାନ ପରେ ସେଠାକାର ନୂତନ 'ବିଜେପି' ନେତୃତ୍ୱାଧୀନ ସରକାର ବର୍ତ୍ତମାନ ସେ ରାଜ୍ୟର ନାରୀମାନଙ୍କୁ ପୁନରାୟ ଅଶିକ୍ଷା ଓ ଅଜ୍ଞାନର ଦାସତ୍ୱ ମଧ୍ୟକୁ ଠେଲିଦେବାକୁ ଉଦ୍ୟତ । ସମାଲୋଚକମାନେ ଏହା ଦେଖି କହିବାକୁ ଆରମ୍ଭ କଲେଣି ଯେ ଶିକ୍ଷାମନ୍ତ୍ରୀଙ୍କର ଏତାଦୃଶ ମାନସିକତାରେ ଏକ ତାଲିବାନୀ ଛାପ ସୁସ୍ପଷ୍ଟ । ଠିକ୍ ଏଇ ସମୟରେ ତାମିଲନାଡୁ ବିଧାନସଭାରେ ଘଟିଥିବା ଏକ ଘଟଣା ଏକ ଅଦୃଷ୍ଟ ବିଧାନ ଭଳି ବିହାରର ଏଇ ଘଟଣାକୁ ଚରମ ପ୍ରାସଙ୍ଗିକତା ପ୍ରଦାନ କରିଛି । ସେଠାରେ ନୂତନ ବିରୋଧୀ ଦଳ ନେତା ଷ୍ଟାଲିନ୍-ପୁତ୍ର ଉଦୟନିଧି ତାଙ୍କର ପୂର୍ବ ଆଚରଣର ପୁନରାବୃତି କରି ବିଧାନସଭାରେ ଭାଷଣ ଦେବା ଅବସରରେ ପୁଣି ସନାତନ ଧର୍ମର ମୂଳୋତ୍ପାଟନ ପାଇଁ ଆହ୍ୱାନ ଦେଇଛନ୍ତି । ବିଜେପିର ମୁଖପାତ୍ରମାନେ ଏଥିପାଇଁ ଆଶା କରାଯାଉଥିବା ଭଳି ଉଦୟନିଧିଙ୍କର ଘୋର ନିନ୍ଦା କରିଛନ୍ତି । କିନ୍ତୁ ସେମାନେ ମଧ୍ୟ ହୃଦୟଙ୍ଗମ କରିବା ଜରୁରି ଯେ ମିଥିଳେଶ ତିୱାରିଙ୍କ ପରି ନିଜ ଦଳର ନେତାମାନେ ହିଁ ଉଦୟନିଧିଙ୍କ ପରି ସନାତନର ଶତ୍ରୁମାନଙ୍କୁ ପ୍ରାସଙ୍ଗିକତା ଯୋଗାଇଥାନ୍ତି । ସେମାନଙ୍କ ଗହଣରୁ ସନାତନର ଅସଲ ଶତ୍ରୁ ଏଭଳି ବିଷାକ୍ତ ଶକ୍ତିମାନଙ୍କର ମୂଳୋତ୍ପାଟନ ଘଟିଲେ ଉଦୟନିଧିଙ୍କ ପରି ବାହ୍ୟ ଶତ୍ରୁମାନେ ସନାତନର କିଛି ହେଲେ କ୍ଷତି ଘଟାଇ ପାରିବେ ନାହିଁ । ଏହା ପ୍ରଧାନମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଥିବ ବୋଲି ଆଶା କରାଯାଏ ।

ବାସ୍ତବ ସତ୍ୟର ଅନୁସନ୍ଧାନ-୬.

ନମସ୍କାର । ବାସ୍ତବ ସତ୍ୟର ଅନୁସନ୍ଧାନ- ଷଷ୍ଠ ଅଧ୍ୟାୟରେ ଆଜି ଆଲୋଚନା କରିବା ଯେ ଜଣେ କୃତି ମଣିଷ ଓ ନିରର୍ଥକ ଜୀବନ ମଧ୍ୟରେ ପ୍ରଭେଦ କ'ଣ ଏବଂ ତାର ପ୍ରଭାବ, ପ୍ରକୋପ ଜଣେ ସାଧାରଣ ମଣିଷର ଦୈନନ୍ଦିନ ଜୀବନରେ କ'ଣ ପଡିଥାଏ । ଏହାର ମର୍ମ ଅତ୍ୟନ୍ତ ଗମ୍ଭୀର ଯାହା ସାଧାରଣରେ ବୁଝିବା କିଂଚିତ କଷ୍ଟକର ହୋଇପାରେ ଯଦି ସେଗୁଡିକୁ ଦାର୍ଶନିକ ଦୃଷ୍ଟିକୋଣ ମଧ୍ୟରେ ରଖି ଆଲୋଚନା କରାଯିବ । ତେଣୁ ଏଠାରେ ଦେଖିବାକୁ ମିଳୁଥିବା କେତେକ ସାମାଜିକ ପରିସ୍ଥିତି ମାଧ୍ୟମରେ ସେଗୁଡିକୁ ବୁଝିବାକୁ ପ୍ରୟାସ କରିବା । ସହରରେ ନିଜେ ରହିବା ପାଇଁ ଅଟ୍ଟାଳିକା, ତା ସହିତ ଆହୁରି ଅନେକ ଘର ଯାହାର ମାସିକ ଭଡା ଆସେ ଲକ୍ଷ ଲକ୍ଷ ଟଙ୍କା । ବୁଢ଼ା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ । ମାସକୁ ପେନ୍‌ସନ୍ ଦେଢ଼ ଲକ୍ଷ । ବୁଢ଼ୀ ଅବସରପ୍ରାପ୍ତ ପ୍ରାଧ୍ୟାପିକା, ମାସିକ ପେନସନ ଲକ୍ଷାଧିକ । ପୁଅ ସଫ୍‌ଟୱେର ଇଞ୍ଜିନିଅର ବିଦେଶରେ, ମାସିକ ଦରମା ୫ ଲକ୍ଷ । ବଡ ଝିଅ ସ୍ୱାମୀ ପରିତ୍ୟକ୍ତା ଅଧ୍ୟାପିକା, ଏକାକୀ ନିବାସୀ, ମାସିକ ଦରମା ୨ ଲକ୍ଷ । ସାନ ଝିଅ ଡାକ୍ତର, ଅବିବାହିତା, ପ୍ରେମିକ ସଂଯୋଗରେ । ବାପା ମାଙ୍କ ସାନଝିଅ ପାଇଁ ପ୍ରସ୍ତାବ ଖୋଜିବା ପାଇଁ ବ୍ୟସ୍ତ, ବିବ୍ରତ । ବାରଣ୍ଡାରେ ଥିବା ଦୁଇଟି କାର୍ ପାଳିକରି ଦୁଇମାସରେ ଥରଟିଏ ଚାଲନ୍ତି । କୁକୁର ପିଛା ମାସିକ ଖର୍ଚ୍ଚ ୪୦-୫୦ ହଜାର ଟଙ୍କା । ଘରକୁ ଆସୁଥିବା ଚାକରଙ୍କ ପାଇଁ ମାସିକ ଖର୍ଚ୍ଚ ଅନ୍ୟୁନ ୧୦୦୦୦ । ବୁଢା ବୁଢ଼ୀଙ୍କ ମାସିକ ଡାକ୍ତର, ଔଷଧ ଖର୍ଚ୍ଚ ୪୦-୫୦ ହଜାର ଟଙ୍କା । ବୁଢାଙ୍କ ୧୨୦ ହଳ ପୋଷାକ ଦୁଇ ବର୍ଷରେ ଥରେ ଗୋଟିଏର ପାଳି ପଡେ । ବୁଢ଼ୀଙ୍କ ୩୨୦ ଶାଢ଼ୀ, ପାଟର ଅନୁରୂପ ଅବସ୍ଥା । ସକାଳେ ଦୁଇଜଣ ଦୁଇ କପ୍ ଚା ସହିତ କିଛି ବିସ୍କୁଟ । ମଧ୍ୟାହ୍ନରେ ଅଳ୍ପ ଭାତ ସହିତ ବିନା ତେଲ, ମଶଲାର ତରକାରୀ । ସନ୍ଧ୍ୟାରେ ସାମାନ୍ୟ ଜଳଖିଆ । ଆଉ ରାତିରେ ସନ୍ତୁଳା ସହିତ ଦୁଇପଟ ରୁଟି । ଆଉ ସବୁ ମନା ! ଶୋଇବା ସମୟ ବ୍ୟତୀତ କେତେବେଳେ ଖବର କାଗଜ ତ ସମୟ ଦେଖି ଦୂରଦର୍ଶନରେ ଦେଶ ବିଦେଶର ଖବର ପରେ କିଛି ଘରଭଙ୍ଗା ଧାରାବାହିକ ଆଉ ସନ୍ଧ୍ୟାରେ ଆଧ୍ୟାତ୍ମିକ ଭଜନ କୀର୍ତ୍ତନ । ଘରକୁ କେହି ଆସନ୍ତି ନାହିଁ । ପଡୋଶୀଙ୍କ ସହିତ କୌଣସି କଥାବାର୍ତ୍ତା କି ସମ୍ପର୍କ ନାହିଁ କିମ୍ବା କୌଣସି ସାମାଜିକ କାର୍ଯ୍ୟରେ କିଛି ସହଭାଗିତା ନାହିଁ । ଏ ହେଉଛି ଏକ ଅଭିଶପ୍ତ ଯାନ୍ତ୍ରିକ ମଣିଷ ଜୀବନ ଯେଉଁଥିରେ କୌଣସି ବାସ୍ତବତା କି ପ୍ରାକୃତିକ ମନୋଭାବ ନାହିଁ । ଆଉ ସେହିଭଳି ମଣିଷଙ୍କ ପିଢ଼ିକୁ ପିଢ଼ି ଏଇମିତି ଚାଲିଥାଏ ଯାହାଙ୍କ ମୃତ୍ୟୁ ସମୟରେ ପାଖରେ ନିଜର ସନ୍ତାନ ସନ୍ତତି ନଥା'ନ୍ତି । ପଡୋଶୀ କିମ୍ବା ଭଡାଟିଆ କର୍ମୀ ନେଇ ବୈଦ୍ୟୁତିକ ଚିମିନିରେ ଶବଦାହ କରିଥା'ନ୍ତି । ଆଉ କେତେବେଳେ ସ୍ୱର୍ଗଦ୍ୱାରରେ । ଜୀବନ ସମାପ୍ତ । ପୁନର୍ବାର ସେମାନଙ୍କ ପର ପିଢିଙ୍କ ଅନୁରୂପ ଆଚରଣ । ଏହାହିଁ ସେମାନଙ୍କ ଜୀବନ ଯେ କିଛି ପଢି ଘୋଷି ଲେଖି ଉତୀର୍ଣ୍ଣ ହୋଇ ଉଚ୍ଚ ଶିକ୍ଷା ଲାଭ କରିବା । ଜୀବନ ସାରା କାହାର ଗୋଟି ଖଟି ଆଉ କେତେବେଳେ କିଛି ଦୁର୍ନୀତି କରି ଅତ୍ୟଧିକ ଧନ ଉପାର୍ଜନ କରି ଜୀବନକୁ ଏହିଭଳି ଢଙ୍ଗରେ ପରିଚାଳିତ କରିବା । ଏହାହିଁ ଏକ ସମ୍ପୂର୍ଣ୍ଣ ନିରର୍ଥକ ଜୀବନର ଜ୍ୱଳନ୍ତ ଉଦାହରଣ ଯିଏ ମଣିଷ ଜୀବନର ବାସ୍ତବତା କେବେହେଲେ ବୁଝି ପାରନ୍ତି ନାହିଁ ଏବଂ ଏକ ସାଙ୍ଘାତିକ ଉଚ୍ଚ ଶିକ୍ଷିତ ଅଜ୍ଞାନର ପରିଚିତି ସୃଷ୍ଟି କରି ନିରୋଳାରେ ସଂସାର ତ୍ୟାଗ କରିଥା'ନ୍ତି ପିଢ଼ିକୁ ପିଢ଼ି । ଏହିଭଳି ହଜାର ହଜାର ନମୁନାଙ୍କୁ ଦେଖିବାକୁ ହେଲେ ସହରକୁ ଯିବାକୁ ପଡିବ, ସର୍ବତ୍ର ଉପଲବ୍ଧ । ହେଲେ କୃତି ମଣିଷ କିଏ ଏବଂ ସେମାନଙ୍କ ଜୀବନ ଶୈଳୀ କେମିତି ହୋଇଥାଏ ଜୀବନକୁ ପ୍ରାକୃତିକ ମାର୍ଗରେ ଉପଭୋଗ କରୁଥିବା କୃତକାର୍ଯ୍ୟ ମଣିଷ ଦୁଇଟି ରୂପରେ ଦେଖିବାକୁ ମିଳିଥା'ନ୍ତି ଆମ ସମାଜରେ । ସେମାନଙ୍କ ମଧ୍ୟରେ ପ୍ରଭେଦ ଖୁବ୍ ଅଧିକ ରହିଥାଏ । ଜଣେ କୌଣସି ଶିକ୍ଷା କିମ୍ବା ଜ୍ଞାନ ନଥାଇ ନିଜ ପରିସୀମା ମଧ୍ୟରେ ଜନ୍ମ ମାଟିର 'ସଲ ଆଦାୟ କରି ବଂଚି ଥାଏ । କାହାର ଆୟ କିମ୍ବା ପ୍ରଭୁତ୍ୱ ତା ଉପରେ ପ୍ରକୋପ ସାଧନ କରିନଥାଏ । ଯୌଥ ପରିବାର ମଧ୍ୟରେ ସମସ୍ତଙ୍କ ମଧ୍ୟରେ କେବେ ସାମାନ୍ୟ କଳି ଝଗଡା ତ ଆଉ କେତେବେଳେ ପ୍ରେମମୟ ଉଲ୍ଲାସର ଆସର । ସମସ୍ତେ ସମସ୍ତଙ୍କ ସୁଖ ଦୁଃଖରେ ଭାଗୀ ହୋଇ ଥା'ନ୍ତି । ସହରର ରାସାୟନିକ ପୁଡିଆ ଖାଦ୍ୟ ସେମାନଙ୍କ ପାଇଁ ସାତ ସପନ । ପ୍ରାକୃତିକ ବିଶୁଦ୍ଧ ଖାଦ୍ୟରେ ସମ୍ପୂର୍ଣ୍ଣ ସୁସ୍ଥ ଶରୀର ସହିତ ଆନନ୍ଦ ଜୀବନ ଯାପନ । ଉଚ୍ଚ ଆକାଂକ୍ଷା ନାହିଁ । ଅଧିକ ସମ୍ପତି ଆର୍ଜିବା ଆଶା ନାହିଁ । ସମ୍ପତିର ସଂରକ୍ଷଣ ତଥା ସୁରକ୍ଷା ପାଇଁ ମାନସିକ ବିଚଳିତ ଭାବ ଜନିତ ଦୁରାରୋଗ୍ୟ ନାହିଁ । ସମ୍ପୂର୍ଣ୍ଣ ପ୍ରାକୃତିକ ଜୀବନ ମଧ୍ୟରେ ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇ ଥାଏ ସେମାନଙ୍କ ପିଢ଼ି କୁ ପିଢ଼ି । ଶିକ୍ଷା ଆଉ ଜ୍ଞାନରୁ ବହୁ ଦୂରରେ ରହି ମଧ୍ୟ କେବଳ ପରମ୍ପରାକୁ ଆଧାର କରି ନିଜର ଜୀବନ ଶୈଳୀ ସମ୍ପନ୍ନ କରୁଥିବା ସେମାନଙ୍କ ମଣିଷ ଜୀବନ ଏକ ପ୍ରକାର ସାର୍ଥକ ହୋଇଥାଏ ପ୍ରକୃତିର ନିୟମ ଆଧାରରେ । ଦ୍ୱିତୀୟତଃ ଅନ୍ୟ ଏକ ଶ୍ରେଣୀର ମଣିଷ ଦେଖିବାକୁ ମିଳନ୍ତି ଯେଉଁମାନେ ଶିକ୍ଷା ଏବଂ ବାସ୍ତବ ଜ୍ଞାନର ସନ୍ତୁଳନ ମଧ୍ୟରେ ନିଜକୁ ଜଣେ ପ୍ରାକୃତିକ କୃତି ମଣିଷର ଜୀବନ ଯାପନ କରିଥା'ନ୍ତି । ସେମାନେ ପରମ୍ପରା ସହିତ ଆଧୁନିକତାର ପରିବର୍ତ୍ତିତ ସ୍ୱାଦକୁ ଅନୁଭବ କରି ଏକ ସମ୍ପୂର୍ଣ୍ଣ ମଣିଷ ଜୀବନର ପରିକଳ୍ପନା କରିଥା'ନ୍ତି । ଜୀବନର ପ୍ରତ୍ୟେକ କଥା, ବିଷୟ ହେଉ କି ବସ୍ତୁ ଉପରେ ସେମାନଙ୍କ ନିୟନ୍ତ୍ରିତ ସମୀକ୍ଷା ଜ୍ଞାନ ରହିଥାଏ ।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003

ଏମ୍ସ ଭୁବନେଶ୍ୱରରେ ଜାତୀୟ ଡେଙ୍ଗୁ ଦିବସ ପାଳିତ

ଭୁବନେଶ୍ୱର,୧୯/୫(ନି/ପ୍ର) :ଜାତୀୟ ଡେଙ୍ଗୁ ଦିବସ ୨୦୨୬ ପାଳନ ଅବସରରେ, ଏମ୍ସ ଭୁବନେଶ୍ୱରର ଜେନେରାଲ ମେଡିସିନ ବିଭାଗ ପକ୍ଷରୁ ଡେଙ୍ଗୁ ଅପଡେଟ୍ ୨୦୨୬: କ୍ଲିନିକାଲ୍ ଇନସାଇଟ୍ ଏବଂ ଜନସ୍ୱାସ୍ଥ୍ୟ ଦୃଷ୍ଟିକୋଣ ଉପରେ ଜାତୀୟ ସିଏମ୍ଇ ଆୟୋଜନ ଅବସରରେ ଉପସ୍ଥିତ ଦେଶର ପ୍ରମୁଖ ଚିକିତ୍ସକ, ମହାମାରୀ ବିଶେଷଜ୍ଞ, ଜନସ୍ୱାସ୍ଥ୍ୟ ବିଶେଷଜ୍ଞ ଏବଂ ଶିକ୍ଷାବିତମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ । ଏହି ଦିନିକିଆ ଆଲୋଚନାଚକ୍ରରେ ଡେଙ୍ଗୁ ନିବାରଣ, ନିର୍ଣ୍ଣୟ, ଚିକିତ୍ସା ଏବଂ ନିୟନ୍ତ୍ରଣ ରଣନୀତି ଉପରେ ବ୍ୟାପକ ବୈଜ୍ଞାନିକ ଆଲୋଚନା ହୋଇଥିଲା । ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସଙ୍କ ଭାରତରେ ଡେଙ୍ଗୁର ବର୍ଦ୍ଧିତ ବୋଝକୁ ମୁକାବିଲା କରିବା ପାଇଁ ଚିକିତ୍ସକ, ମହାମାରୀ ବିଶେଷଜ୍ଞ, ଗବେଷକ, ପ୍ରଶାସକ ଏବଂ ସମାଜକୁ ସାମିଲ ପୂର୍ବକ ସମନ୍ୱିତ ପଦ୍ଧତିର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ନିର୍ଦ୍ଦିଷ୍ଟ ଆଂଟିଭାଇରାଲ ଥେରାପିର ଅନୁପସ୍ଥିତି ଏବଂ ଗମ୍ଭୀର ରୋଗ ପ୍ରଗତି ଅପ୍ରତ୍ୟାଶିତତା ଯୋଗୁଁ ଡେଙ୍ଗୁ ଏକ ପ୍ରମୁଖ ଜନସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଆସୁଛି । ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ମଧ୍ୟରେ ସମୟୋଚିତ ରୋଗ ନିର୍ଣ୍ଣୟ, ମାନକୀକରଣ ଚିକିତ୍ସା ପ୍ରୋଟୋକଲ୍ ଏବଂ କ୍ଷମତା ନିର୍ମାଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଡ. ବିଶ୍ୱାସ । ସାର୍ବଜନୀନ ସ୍ୱାସ୍ଥ୍ୟ ସଚେତନତା ଏବଂ ଗବେଷଣା ସହିତ କ୍ଲିନିକାଲ୍ ଉତ୍କର୍ଷତାକୁ ସମନ୍ୱିତ କରିବାରେ ଏମ୍ସ ଭୁବନେଶ୍ୱର ଭଳି ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ ଡ. ବିଶ୍ୱାସ ।ଏମ୍ସ ଭୁବନେଶ୍ୱର ଡିନ୍ (ଏକାଡେମିକ) ଡ. ଦିଲ୍ଲୀପ କୁମାର ପରିଡା, ଏବଂ ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ମାର୍ଗଦର୍ଶନ କରିଥିଲେ । ଏମ୍ସ ଭୁବନେଶ୍ୱର ମେଡିସିନ୍ ବିଭାଗର ପ୍ରଫେସର ତଥା ଆୟୋଜନ କମିଟି ଅଧ୍ୟକ୍ଷ ଡ. ରଶ୍ମି ରଞ୍ଜନ ମହାନ୍ତି, ଡେଙ୍ଗୁ ଚିକିତ୍ସାରେ ବିକଶିତ ହେଉଥିବା ରୋଗ ନିର୍ଣ୍ଣୟ ଏବଂ ପରିଚାଳନା ପ୍ରୋଟୋକଲ୍ ସମ୍ପର୍କରେ ଚିକିତ୍ସକମାନେ ଅବଗତ ରହିବା ପାଇଁ ଏପରି ନିରନ୍ତର ଡାକ୍ତରୀ ଶିକ୍ଷା କାର୍ଯ୍ୟକ୍ରମ ଅତ୍ୟନ୍ତ ଜରୁରୀ ବୋଲି ପ୍ରକାଶ କରିଥିଲେ । ଡେଙ୍ଗୁ ଭଳି ଭେକ୍ଟର-ବାହିତ ରୋଗର ମୁକାବିଲାରେ ରୋଗ ନିରୀକ୍ଷଣ ବ୍ୟବସ୍ଥା, ଗବେଷଣା ଏବଂ ସମ୍ପ୍ରଦାୟ-ମୁଖୀ ସ୍ୱାସ୍ଥ୍ୟସେବା ରଣନୀତିକୁ ସୁଦୃଢ଼ କରିବା ଉପରେ ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ ଆରଏମଆରସି, ଭୁବନେଶ୍ୱର ନିର୍ଦ୍ଦେଶକ ଏବଂ ଆଇସିଏମ୍ଆର, ନୂଆଦିଲ୍ଲୀର ଏଡିଜି, ଡ. ସଂଘମିତ୍ରା ପତି । ଡେଙ୍ଗୁ ସଂକ୍ରମଣ ଦ୍ୱାରା ଉପୁଜିଥିବା ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବାରେ ପ୍ରମାଣ-ଆଧାରିତ ନୀତିନିର୍ଦ୍ଧାରଣ, ଗବେଷଣା ସହଯୋଗ ଏବଂ ଜନସ୍ୱାସ୍ଥ୍ୟ ପ୍ରସ୍ତୁତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ଡ. ପତି ।

ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ ପାଳନ ପ୍ରସ୍ତୁତି : ସରକାରଙ୍କ ପକ୍ଷରୁ ଗୁରୁ ସତ୍ୟନାରାୟଣଙ୍କୁ ଉଚିତ ସମ୍ମାନ ମିଳୁ

ସମ୍ବଲପୁର, ୧୯/୫(ନି/ପ୍ର) : ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରମୁଖ ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ୧ ଅବସରରେ ସମ୍ବଲପୁରରେ ୧୪ ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ରବିବାର ଦିନ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଅନୁଷ୍ଠିତ ଏହି ବୈଠକରେ ସମ୍ବଲପୁରୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଗୁରୁ ସତ୍ୟନାରାୟଣଙ୍କ ଅତୁଳନୀୟ ଅବଦାନ ବିଷୟରେ ଆଲୋଚନା କରାଯାଇଥିଲା । ପଶ୍ଚିମାଂଚଳ ଏକତା ମଂଚର ଆବାହକ ଭବାନୀଶ ଭୋଇ ଏହି ବୈଠକରେ ସଭାପତିତ୍ୱ କରିଥିଲେ । ଆଜି ସମ୍ବଲପୁରୀ ପାଇଁ ସାରା ଓଡିଶାବାସୀ ଗର୍ବ ଅନୁଭବ କରୁଛନ୍ତି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ତେବେ ଗୁରୁ ସତ୍ୟନାରାୟଣଙ୍କୁ ସରକାରୀ ସ୍ତରରେ ଯେଉଁଭଳି ସମ୍ମାନ ମିଳିବା କଥା ତାହା ଆଜି ପର୍ଯ୍ୟନ୍ତ ହୋଇ ପାରିନଥିବାରୁ ଦୁଃଖ ପ୍ରକାଶ ପାଇଥିଲା । ଏହାସହ ଗୁରୁ ବହିଦାରଙ୍କ ସ୍ମୃତିରେ ସମ୍ବଲପୁର ଜେଲ ଛକ ନିକଟରେ ସ୍ଥାପିତ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାକୁ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଦର୍ଶନ ଏବଂ ଗୁରୁଙ୍କ ସ୍ମୃତିରକ୍ଷା ଏବଂ ସମ୍ବଲପୁରୀର ପ୍ରଦର୍ଶନ ପାଇଁ ବିକାଶ କରାଯିବାରେ ସଠିକ୍ ପଦକ୍ଷେପ ନେବାକୁ ବୈଠକରେ ଦାବି କରାଯାଇଥିଲା । ଏନେଇ ଏକ ପ୍ରତିନିଧି ମଣ୍ଡଳ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଦାବି ଜଣାଇବାକୁ ଆଜିର ବୈଠକରେ ସ୍ଥିର କରାଯାଇଥିଲା । ଏହାସହ ଡେରା ପରିସରରେ ସମ୍ବଲପୁରୀ ସମ୍ବଲପୁରୀ ପୁସ୍ତକାଳୟ ଏବଂ ସମ୍ବଲପୁରୀ ସଂସ୍କୃତିର ସଂଗ୍ରହାଳୟ ପାଇଁ ବହୁତଳ ପ୍ରସାଦ ନିର୍ମାଣ କରିବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରାଯାଇଥିଲା । ୨୦୧୩ ମସିହାରେ ପଶ୍ଚିମାଂଚଳ ଏକତା ମଂଚର ପ୍ରୟାସରେ ଗୁରୁ ବହିଦାରଙ୍କ ଜନ୍ମ ଶତବାର୍ଷିକୀ ପାଳନ ବର୍ଷ ଠାରୁ ଅଗଷ୍ଟ ୦୧ ତାରିଖରେ ସମ୍ବଲପୁରୀ ଦିନ୍ ପାଳନ କରାଯାଇ ଆସୁଛି । ସମ୍ବଲପୁରୀ ଦିନ୍ ପାଳନ ପରଠାରୁ ସମ୍ବଲପୁରୀ କପଡାର ଚାହିଦା ବହୁମାତ୍ରାରେ ବୃଦ୍ଧି ପାଇଥିବା ବେଳେ ସମ୍ବଲପୁରୀ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ବହୁ ସଙ୍ଗଠନ ଆଗଭର ହୋଇଛନ୍ତି । ସମ୍ବଲପୁରୀ ଦିନ୍ ଏବେ ଆର୍ନ୍ତଜାତୀୟ ସ୍ତରରେ ପହଂଚି ପାରିଛି ବୋଲି ଏକତା ମଂଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି କହିଥିଲେ । ସମ୍ବଲପୁରୀ ଦିନରେ ଲୋକ ନିହାତି ନୁଆଁ ସମ୍ବଲପୁରୀ କପଡା ପିନ୍ଧୁ ଥିବାରୁ ବୁଣାକାରମାନେ ଲାଭବାନ ହୋଇ ପାରୁଛନ୍ତି । ଯାହାଦ୍ୱାରା ପ୍ରତିବର୍ଷ ସମ୍ବଲପୁରୀ ଦିନର ଆକର୍ଷଣ ବୃଦ୍ଧି ପାଇବା ସହ କୋଟି କୋଟି ଟଙ୍କାର ସମ୍ବଲପୁରୀ କପଡା ବିକ୍ରୀ ହୋଇ ପାରୁଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ପ୍ରସ୍ତୁତି ବୈଠକରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରେ ଆୟୋଜନ ହେଉଥିବା ସମ୍ବଲପୁରୀ ଦିନ କାର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା । ଏଥିପାଇଁ ସମ୍ବଲପୁରୀ ସଙ୍ଗଠନଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଗଠନ କରାଯାଇଥିବା ସମ୍ବଲପୁରୀ ମଚାନକୁ ସୁଦୃଢ଼ କରିବା ପାଇ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ବୈଠକରେ ଲଳିତା ଭୋଇ, ଭୂମିସୁତା ମେହେର,ସୁଷମା ପ୍ରଧାନ, ରୀନା ସ୍ୱାଇଁ, ପଙ୍କଜିନୀ ମେହେର, ଅମିତାଭ ମାଝୀ, ସୁବୋଧ କୁମାର ଦୋରା, ଦଶରଥ ମେହେର, ରଂଜିତ ସାହୁ, ଦେବୀ ପ୍ରସାଦ ଭୋଇ, ବିରଂଚି ନାରାୟଣ ନାୟକ, ଅମନ ଚିରଗୁନ, ସୁଭମ ସାହୁ, ଅମିତ୍ ଦାଶ, ଗୋପବନ୍ଧୁ ସେନାପତି, ଡ଼ ସ୍ୱୟଂ ପ୍ରକାଶ ପଣ୍ଡା, ସୁବୋଧ କୁମାର ଦୋରା, ପ୍ରେମ ସାହାଣୀ,ସୁବ୍ରତ ପ୍ରଧାନ, ସୁରେନ୍ଦ୍ର ବଗର୍ତି ପ୍ରମୁଖ ସାମିଲ ରହିଥିଲେ ।

ସମ୍ବଲପୁର ବିଜେପିର ଜିଲ୍ଲା ପଦାଧିକାରୀ ବୈଠକ

କୁଚିଣ୍ଡାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା : ଶିଶୁକନ୍ୟା ସମେତ ୩ ମୃତ

କୁଚିଣ୍ଡା,୧୯/୫(ନି/ପ୍ର): ସମ୍ବଲପୁରଜିଲ୍ଲା କୁଚିଣ୍ଡା ଥାନା ଅଧୀନ କୁସମୀ ରାସ୍ତା ଫରେଷ୍ଟ ପାର୍କ ନିକଟରେ ଏକ ସ୍କର୍ପିଓ ଏବଂ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ୩ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକମାନେ ହେଲେ ଶିବ ମୁଣ୍ଡା (୪୦), ଦୀପକ ମୁଣ୍ଡା (୩୮) ଓ ଜଣେ ୭ ବର୍ଷୀୟ ଶିଶୁ । ସୂଚନା ଅନୁସାରେ ଶିବ ମୁଣ୍ଡାଙ୍କ ଜଣେ ସମ୍ପର୍କୀୟ କୁଚିଣ୍ଡା ଡାକ୍ତରଖାନା ଭର୍ତ୍ତି ହୋଇଛନ୍ତି । ତାଙ୍କୁ ରକ୍ତର ଆବଶ୍ୟକ ଥିଲା । ଏଥି ପାଇଁ ଶିବ ମୁଣ୍ଡା ଏକ ୟୁନିଟ୍ ରକ୍ତ ପ୍ରଦାନ କରିଥିଲେ । ରକ୍ତ ଦେଇ ସରିବା ପରେ ବିଞ୍ଝିପାଲି ତାଙ୍କ ସମ୍ପର୍କୀୟ ଝିଅ ଦୀପିକାକୁ ସାଥିରେ ନେଇ କୁସମୀ ଜମନକିରା ଯାଉଥିଲେ । ସନ୍ଧ୍ୟା ୬ଟାରେ କୁସମୀ ପଟରୁ ଦ୍ରୁତ ଗତିରେ ଆସୁଥିବା ସ୍କର୍ପିଓ ବାଇକ ସହିତ ସମ୍ମୁଖ ଧକ୍କା ହୋଇଥିଲା । ବାଇକଟି ସ୍କର୍ପିଓ ଭିତରେ ପଶି ଯାଇଥିଲା । ଘଟଣା ସ୍ଥଳରେ ଦୀପକ ମୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା । ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶିବ ମୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା । ୭ବର୍ଷ ବୟସର ଶିଶୁକନ୍ୟାକୁ ବୁର୍ଲା ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇ ଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାର ମୃତ୍ୟୁ ଘଟିଛି । ଶିବ ମୁଣ୍ଡା ଗୋଟିଏ ଭିନ୍ନକ୍ଷମ ଝିଅ ରହିଛି ।

ବର୍ତମାନ ଶିବ ମୁଣ୍ଡାଙ୍କ ବିଧବା ପତ୍ନୀ, ବୃଦ୍ଧ ବାପା ମା, ଭିନ୍ନକ୍ଷମ ଶିଶୁଟି ଭରଣ ପୋଷଣ କିଏ କରିବେ ତାହା ଏକ ପ୍ରଶ୍ନ ।

ଟ୍ରକରେ ବିଦ୍ୟୁତ୍ ତାର ଲାଗି ୩ ଖୁମ୍ବ ଉପୁଡ଼ିଲା :

ବିଦ୍ୟୁତ୍ ଆଘାତରେ ମା'-ପୁଅ ଆହତ, ମାଳିଡିହିରେ ଉତେଜନା

ଝାରସୁଗୁଡା, ୧୯/୫(ନି/ପ୍ର): ଜାତୀୟ ରାଜପଥ-୪୯ ଅନ୍ତର୍ଗତ କୋଲାବିରା ଥାନା ଅଧୀନ ମାଳିଡିହି କେନ୍ଦୁପଡ଼ାରେ ଶନିବାର ବିଳମ୍ବିତ ରାତିରେ ଘଟିଥିବା ଏକ ଅଭାବନୀୟ ଦୁର୍ଘଟଣାରେ ୩ଟି ବିଦ୍ୟୁତ୍ ଖୁମ୍ବ ଉପୁଡ଼ି ପଡ଼ିଥିବା ବେଳେ ବିଦ୍ୟୁତ୍ ଆଘାତରେ ମା'-ପୁଅ ଆହତ ହୋଇଥିବା ଜଣାପଡ଼ିଛି । ଘଟଣା ପରେ ଅଂଚଳରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା । ସୂଚନା ଅନୁଯାୟୀ, ଏମଏଚ-୧୨ ଏସଏକ୍ସ-୮୯୧୬ ନମ୍ବର ବିଶିଷ୍ଟ ଏକ ବାଉଁଶ ବୋଝେଇ ଟ୍ରକ୍ ବାରିପଦାରୁ ଝାରସୁଗୁଡ଼ା ଯାଉଥିଲା । ଶନିବାର ରାତି ୧୧.୩୦ ସମୟରେ ମାଳିଡିହି କେନ୍ଦୁପଡ଼ା ନିକଟରେ ରାସ୍ତା ଉପରେ ଯାଇଥିବା ବିଦ୍ୟୁତ୍ ତାର ଟ୍ରକରେ ଲାଗିଯାଇଥିଲା । ଫଳରେ ବିଦ୍ୟୁତ୍ ତାର ଛିଣ୍ଡିଯାଇ ୩ଟି ବିଦ୍ୟୁତ୍ ଖୁମ୍ବ ଉପୁଡ଼ି ପଡ଼ିଥିଲା । ଖୁମ୍ବଗୁଡ଼ିକ ପ୍ରାୟ ୨୦୦ ମିଟର ଦୂର ପର୍ଯ୍ୟନ୍ତ ଘୋଷାଡ଼ି ହୋଇ ଯାଇଥିବା ସୂଚନା ମିଳିଛି । ଦୁର୍ଘଟଣାରେ ସ୍ଥାନୀୟ ବାସିନ୍ଦା ଉଗ୍ରସେନ ସାହୁଙ୍କ ଘର ସମ୍ମୁଖର ଛପର ଭାଙ୍ଗିଯାଇଥିଲା । ଏହାପରେ ଜୀବନ୍ତ ବିଦ୍ୟୁତ୍ ତାର ଘର ସମ୍ମୁଖରେ ପଡ଼ିଥିବାରୁ ଉଗ୍ରସେନଙ୍କ ପୁଅ ବିକି ସାହୁ (୨୨) ଓ ମା' କଲକତି ସାହୁ (୭୦) ବିଦ୍ୟୁତ୍ ଆଘାତରେ ଆହତ ହୋଇଥିବା ଅଭିଯୋଗ ହୋଇଛି । ଘଟଣା ପରେ ମାଳିଡିହି ଅଂଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଥିଲା । କ୍ଷୁବ୍ଧ ଗ୍ରାମବାସୀ ଟ୍ରକ୍ ଓ ଚାଳକଙ୍କୁ ଅଟକ ରଖିଥିଲେ । ଖବର ପାଇ କୋଲାବିରା ପୋଲିସ ଓ ବିଦ୍ୟୁତ୍ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ଲୋକଙ୍କ ସହ ଆଲୋଚନା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ । ଦୁର୍ଘଟଣା ଯୋଗୁଁ କିଛି ସମୟ ପାଇଁ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲେ ମଧ୍ୟ ରାତି ପ୍ରାୟ ୧୨.୩୦ଟା ପରେ ଯାନଚଳାଚଳ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି ।

କନ୍ଧମାଳର ଝିଅ ଲକ୍ଷ୍ମୀପ୍ରିୟା ପରିଡ଼ାଙ୍କୁ ଜାତୀୟ ସ୍ତରରେ ସିଆଇଆଇ ଆଦର୍ଶ ମହିଳା ସମ୍ମାନ

କନ୍ଧମାଳ,୧୯/୫(ନି/ପ୍ର): କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଅଂଚଳର ଝିଅ ଲକ୍ଷ୍ମୀପ୍ରିୟା ପରିଡ଼ାଙ୍କୁ ଜାତୀୟ ସ୍ତରରେ ସିଆଇଆଇ ଆଦର୍ଶ ମହିଳା ସମ୍ମାନ ମିଳିବା ବ୍ରାହ୍ମଣୀଗାଁ ଅଂଚଳ ତଥା ଓଡ଼ିଶା ପାଇଁ ଗୌରବ ଆଣିଦେଇଛି । ନୂଆଦିଲ୍ଲୀରେ ଆୟୋଜିତ ସିଆଇଆଇ ବାର୍ଷିକ ବ୍ୟବସାୟୀ ଭେଟଘାଟ ୨୦୨୬ ଅବସରରେ ଗତ ୧୨ ତାରିଖ ଦିନ ତାଙ୍କୁ ଏହି ସମ୍ମାନ ମିଳିଛି । ଆୟୋଜିତ ସ୍ୱତନ୍ତ୍ର ଭବ୍ୟ କାର୍ଯ୍ୟକ୍ରମରେ ଲକ୍ଷ୍ମୀଙ୍କ ସମେତ ଭାରତର ବିଭିନ୍ନ ରାଜ୍ୟରୁ ମୋଟ ୩୭୬ ଜଣ ମହିଳା ଏହି ସମ୍ମାନ ପାଇଁ ଆବେଦନ କରିଥିଲେ, ଏଥିମଧ୍ୟରୁ ୨୦ ଜଣ ମାତୃଶକ୍ତିଙ୍କୁ ୨୦୨୬ ବର୍ଷର ଓମେନ୍ ଏକଜାମ୍ପଲାର ଆୱାର୍ଡ଼ରେ ସମ୍ମାନିତ କରାଯାଇଥିଲା । ଭାରତ ସରକାରଙ୍କ ଶିକ୍ଷା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ କ୍ୟାବିନେଟ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହା ପ୍ରଦାନ କରିଥିଲେ । ୧୯୯୩ ମସିହାରୁ ଲକ୍ଷ୍ମୀପ୍ରିୟା ଏକ ସେଚ୍ଛାସେବୀ ଅନୁଷ୍ଠାନରେ କାର୍ଯ୍ୟ ଆରମ୍ଭ କରିଥିଲେ । ତାଙ୍କର ନିଷ୍ଠାପରତା, ସଚ୍ଚୋଟତା, ଭଲପାଇବା ଏବଂ ସହଯୋଗ ଗୁଣାବଳୀ ପାଇଁ ସମସ୍ତଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ପାଇପାରିଛନ୍ତି । ପରବର୍ତୀ ସମୟରେ ସେ ୨୦୧୦ରେ ଆଇ.ଜି.ଏସ୍ ସହ ଯୋଡ଼ି ହେବାପରେ ମଙ୍ଗଳାଯୋଡ଼ି ଇକୋ ଟୁରିଜିମ୍‌ରୁ ଆରମ୍ଭ କରି ରାୟଗଡ଼ା, ଶିମିଳିପାଳ ମୟୂରଭଞ୍ଜ, ସୁନ୍ଦରଗଡ଼ ଓ ଯାଜପୁରରେ ମହିଳାମାନଙ୍କ ଜୀବନ ଜୀବିକା ପାଇଁ କାମ ଜାରି ରଖିଛନ୍ତି । ଆଜି ସେ ଓଡ଼ିଶାର ବିଭିନ୍ନ ଅଂଚଳରେ ୪୭୨୨୩ ପରିବାର ପାଖରେ ପହଂଚିବା ସହ ୧୨୪୩୫ ଜଣ ମହିଳାଙ୍କୁ ସ୍ୱାବଲମ୍ବୀ କରିପାରିଛନ୍ତି । ଆୱାର୍ଡ଼ ପାଇବା ପରେ ଲକ୍ଷ୍ମୀଙ୍କୁ ପଚାରିବାରୁ ସେ କହିଥିଲେ, 'ମୁଁ ବିଭିନ୍ନ ବାଧାବିଘ୍ନ ଓ ପ୍ରତିବନ୍ଧକ ଦେଇ ଗତିକରି ଏ ସ୍ଥାନରେ ପହଂଚି ପାରିଛି । ଏହା ପଛରେ ଡା. ସଞ୍ଜୀବ ଷଡ଼ଙ୍ଗୀ ସିଓଓ, ଆଇଜିଏସ୍‌ଙ୍କ ପ୍ରେରଣା ଓ ଉତ୍ସାହ ଏବଂ ସହକର୍ମୀ ତଥା କର୍ମ କ୍ଷେତ୍ରର ମହିଳାମାନଙ୍କ ଭଲପାଇବା ପାଇଁ ସମ୍ଭବ ହୋଇପାରିଛି । ଆଗକୁ ବିଭିନ୍ନ ସ୍ତରରେ ସହଯୋଗ ମିଳିଲେ ମହିଳାମାନଙ୍କ ପାଇଁ ସେଂଟର୍ ଅଫ ଏକ୍ସେଲେନ୍ସି ଗଠନ କରି ନୂତନ ଜ୍ଞାନ, କୌଶଳ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ଉନ୍ନତି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ।

ବଲାଙ୍ଗୀର ଡିଷ୍ଟ୍ରିକ୍ଟ ସିଭିଲ୍ ସୋସାଇଟି ଗଠିତ

ବଲାଙ୍ଗୀର, ୧୯/୫(ନି/ପ୍ର): ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ନ୍ୟାର୍ଯ୍ୟ ଦାବିକୁ ସାମ୍ବିଧାନିକ ଉପାୟରେ ସରକାରଙ୍କ ଠାରେ ଉପସ୍ଥାପନ କରିବା ଏବଂ ଜିଲ୍ଲାର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦିଗରେ ଏକ ପ୍ରେସର୍ ଗ୍ରୁପ୍ ଭାବରେ କାମ କରିବା ଲକ୍ଷ୍ୟ ନେଇ ଏକ ନୂତନ ସଂଗଠନ ଆରମ୍ଭ ହୋଇଛି । ବଲାଙ୍ଗୀର ଜିଲ୍ଲାର କିଛି ସଚେତନ ନାଗରିକମାନଙ୍କ ନେଇ ବିଭିନ୍ନ ବିଚାରବିମର୍ଷ ପରେ ଏକ ସଂଗଠନର ଆବଶ୍ୟକତାକୁ ଉପଲବ୍ଧି କରି ଏହି ସଂଘ ଗଠନ ପାଇଁ ନିଷ୍ପତି ହୋଇଛି । ଆଜି ସ୍ଥାନୀୟ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବଲାଙ୍ଗୀର ଡିଷ୍ଟ୍ରିକ୍ଟ ସିଭିଲ୍ ସୋସାଇଟି ନାମରେ ଗଠନ ହୋଇଥିବା ଏହି ନୂଆ ସଂଗଠନର ଏକ ବୈଠକରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ମିଶ୍ର ଯୋଗ ଦେଇ ଏହି ନୂତନ ସଂଗଠନର ଆବଶ୍ୟକତା ଓ ଭବିଷ୍ୟତ ରୂପରେଖ ସଂପର୍କରେ ବୁଝାଇଥିଲେ । ଇଂ. ବେଲାରସିଂ ଭୋଇଙ୍କ ସଭାପତିତ୍ୱ ଓ ମନୋରଂଜନ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶ୍ରୀ ମିଶ୍ର ନୂତନ ସଂଗଠନକୁ ଉଦ୍ଘାଟନ କରି ଇଂ. ବେଲାରସିଂ ଭୋଇଙ୍କୁ ସଂଘର ଆବାହକ ଓ ଶିକ୍ଷାବିତ୍ ମନୋରଂଜନ ସାହୁଙ୍କୁ ସଂଯୋଜକ ରୂପେ ଘୋଷଣା କରି ଆଗାମୀ ଦିନରେ ଏକ ପୂର୍ଣ୍ଣାଙ୍ଗ ସଂଘ ଗଠନ ପାଇଁ ଶ୍ରୀ ମିଶ୍ର ଦାୟିତ୍ୱ ଦେଇଥିଲେ । ସେହିପରି ଏକ ସାମ୍ବିଧାନିକ କମିଟି ଓ ଚୟନ କମିଟି ମଧ୍ୟ ଗଠନ କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋପଭୂଷଣ ନାଥ, ବିମଳ ଚୋପଦାର, ମନୋରଂଜନ ମିଶ୍ର, ଗୋବିନ୍ଦ ଚନ୍ଦ୍ର ମିଶ୍ର, ପ୍ରଶନ୍ନ କୁମାର ମିଶ୍ର, ଡା.ରାଧାକାନ୍ତ ସେଠ, ରଣରାଜ ସିଂଦେଓ, ବିଭୂତିଶଙ୍କର ବିନ୍ଧାଣୀ, ରଘୁ ନନ୍ଦନ ସିଂହ, ରବିଶଙ୍କର ମିଶ୍ର, ପ୍ରଶାନ୍ତ ପଟ୍ଟନାୟକ, ହରେକୃଷ୍ଣ ପଟେଲ, ସିଏ ଶ୍ରୀକାନ୍ତ ଶର୍ମା, ସ୍ୱରୂପାରାଣୀ ଠାକୁର, ସନ୍ତୋଷୀ ମେହେର, ଆନନ୍ଦ କୁମାର ମିଶ୍ର, ଅରୁଣ କୁମାର ନାଥ, ଜ୍ଞାନରଂଜନ ପଟ୍ଟନାୟକ, ରବି ନାରାୟଣ ସାହୁ, ଏଡଭୋକେଟ ସୌମ୍ୟାରାଣୀ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଡିଜେଲ, ପେଟ୍ରୋଲ୍, ରନ୍ଧନ ଗ୍ୟାସ୍ ଓ ବସ୍ ଭଡ଼ା ଦରବୃଦ୍ଧି ବିରୁଦ୍ଧରେ ବିକେଏମ୍ୟୁ ଓ ସିପିଆଇର ବିକ୍ଷୋଭ

ଭୁବନେଶ୍ୱର,୧୯/୫(ନି/ପ୍ର) : ଭାରତୀୟ କ୍ଷେତମଜଦୂର ୟୁନିୟନ୍ ଓ ସିପିଆଇ ଭୁବନେଶ୍ୱର ଜୋନାଲ୍ କମିଟି ପକ୍ଷରୁ ଡିଜେଲ୍, ପେଟ୍ରୋଲ୍, ରନ୍ଧନଗ୍ୟାସ୍ ଓ ବସ୍ ଭଡା ବୃଦ୍ଧି ବିରୁଦ୍ଧରେ ଭୁବନେଶ୍ୱରଠାରେ ବିକେଏମ୍ୟୁ ରାଜ୍ୟ ସମ୍ପାଦକ ସୁର ଜେନାଙ୍କ ନେତୃତ୍ୱରେ ରାଜମହଲ ଛକଠାରେ ଏକ ବିକ୍ଷୋଭ ଓ ରାସ୍ତାରୋକ ଅନୁଷ୍ଠିତ ହୋଇଯାଇଛି । ଆଜି ପୂର୍ବାହ୍ନ ୧୦.୩୦ ମିନିଟ୍‌ରେ ଭଗବତୀ ଭବନଠାରୁ ଶତାଧିକ ବିକେଏମ୍ୟୁ ଓ ସିପିଆଇ କର୍ମୀ ବିଭିନ୍ନ ସ୍ଲୋଗାନ ସହ ହାତରେ ପ୍ଲାକାର୍ଡ ଓ ଖାଲି ଗ୍ୟାସ ସିଲିଣ୍ଡର ଧରି, ଟ୍ରଲି ଉପରେ ଗାଡ଼ି ଲଦି ଏକ ଅଭିନବ ଉପାୟରେ ପ୍ରତିବାଦ କରିବା ସହ ରାଜମହଲ ଛକଠାରେ ପହଂଚି ବିକ୍ଷୋଭ ଓ ରାସ୍ତାରୋକ କରିଥିଲେ । ସିପିଆଇ ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ୍ ଏନ୍ ନାରାୟଣ ରେଡ୍ଡୀ ଓ ବିକେଏମ୍ୟୁ ରାଜ୍ୟ ସମ୍ପାଦକ କମ୍ରେଡ୍ ସୁର ଜେନା, ଉପସ୍ଥିତ ବିକ୍ଷୋଭକାରୀ ଓ ଜନସାଧାରଣଙ୍କୁ ଉଦ୍ବୋଧନ ଦେଇ ୫ଟି ରାଜ୍ୟ ନିର୍ବାଚନ ପୂର୍ବରୁ ସରକାର ଦେଶରେ ଡିଜେଲ୍, ପେଟ୍ରୋଲ୍, ସିଏନ୍‌ଜି, ଖାଇବା ତେଲ ମହଜୁଦ ଅଛି ମିଥ୍ୟା ପ୍ରତିଶ୍ରୁତି ଦେଇ ଦେଶବାସୀ ବ୍ୟସ୍ତ ହୁଅନ୍ତୁ ନାହିଁ ବୋଲି କହି, ନିର୍ବାଚନର ମାତ୍ର କେଇଦିନ ପରେ ପ୍ରଧାନମନ୍ତ୍ରୀ ସୁନା କିଣ ନାହିଁ, ବିଦେଶ ଭ୍ରମଣ କରନାହିଁ, ଡିଜେଲ୍-ପେଟ୍ରୋଲ୍ କମ୍ ଖର୍ଚ୍ଚ କର' କହି ହଠାତ୍ ଡିଜେଲ୍ ପେଟ୍ରୋଲ୍ ଦରଦାମ ବୃଦ୍ଧି କରି ଦେଶ ଓ ଜନସାଧାରଣଙ୍କୁ ଆତଙ୍କ ଭିତରକୁ ଠେଲି ଦେଇଛନ୍ତି । ଏହାର ଜବାବ ଦେବା ପାଇଁ ଜନସାଧାରଣଙ୍କୁ ଏକାଠି ହେବା ସହ ସରକାର ତୁରନ୍ତ ସମସ୍ତ ବିରୋଧୀ ଦଳଙ୍କୁ ବିଶ୍ୱାସକୁ ନେଇ ଏକ ଶ୍ୱେତପତ୍ର ପ୍ରକାଶ ସହ ଦେଶରେ ଗଚ୍ଛିତ ଥିବା ଡିଜେଲ୍ ଓ ପେଟ୍ରେଲ୍ର ସଠିକ୍ ହିସାବ ଦିଅନ୍ତୁ ବୋଲି ଶ୍ରୀ ରେଡ୍ଡୀ ଓ ଶ୍ରୀ ଜେନା ଆହ୍ୱାନ ଦେଇଥିଲେ । ଏହି ରାସ୍ତାରୋକ ଓ ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜୋନ୍ ସମ୍ପାଦକ କୈଳାସ ପୁହାଣ, ବିକେଏମ୍ୟୁ ନେତା ଶଙ୍କର ବାରିକ, ଶଙ୍କର ବେହେରା, ଶିବ ବେହେରା, ଫଟାନନ ସାହୁ, ଅଶୋକ ବାରିକ, ଡାକ ହେମ୍ରମ, ରାଧାକାନ୍ତ ଶତପଥୀ, ଅଭୟ ବାରିକ, ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ଗୋପରେ ଥିବା ନିୟନ୍ତ୍ରିତ ବଜାର କମିଟି ହାଟର ଉନ୍ନତି ପାଇଁ ସମୀକ୍ଷା

କେନ୍ଦ୍ରାପଡ଼ା,୧୯/୫(ନି/ପ୍ର): କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟି ଅଧିନରେ ଥିବା ଗୋପ ହାଟ ଦୀର୍ଘଦିନ ହେଲା ଅବହେଳିତ ଅବସ୍ଥାରେ ପଡିରହିଛି । ଏ ନେଇ ବାରମ୍ବାର ଯୁବ ସ୍ୱାଭିମାନ ସଂଗଠନ ତରଫରୁ ଏହାର ଉନ୍ନତିକରଣ ନିମନ୍ତେ ଜିଲ୍ଲାପାଳ ରଘୁରାମ୍.ଆର୍. ଆୟାର୍ଙ୍କୁ ଅଭିଯୋଗ କଲାପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି ହାଟର ଉନ୍ନତି ନିମନ୍ତେ ନିୟନ୍ତ୍ରିତ ବଜାର କମିଟିର ଭୁବନେଶ୍ୱରର ଏକ ଇଞ୍ଜିନିୟରିଂ କମିଟି ଓ କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟିର କର୍ତ୍ତୃପକ୍ଷ ଗୋପ ହାଟରେ ପହଁଚି ଅବହେଳିତ ଅବସ୍ଥାରେ ଥିବା ହାଟ ଗୃହ ଏବଂ ପରିତ୍ୟକ୍ତ ଅବସ୍ଥାରେ ଥିବା ହାଟର ପରିସର ସ୍ଥିତି ଅନୁଧ୍ୟାନ କରିଥିଲେ । ଏହି ଯୁବ ସ୍ୱାଭିମାନ ସଂଗଠନର କର୍ମକର୍ତାଙ୍କ ସହ ସ୍ଥାନୀୟ ଅଂଚଳର ବିଶିଷ୍ଟ ବ୍ୟକ୍ତି ହାଟଗୃହକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ନୂତନ ହାଟ ଗୃହ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି । ଏହି ହାଟକୁ ସପ୍ତାହରେ ଦୁଇଥର ବହୁ ବ୍ୟବସାୟୀ ବିଭିନ୍ନ ସ୍ଥାନରୁ ଆସି ଏଠାରେ ବ୍ୟବସାୟ କରୁଛନ୍ତି । ଏହାର ମୁଖ୍ୟ କାରଣ ହେଲା ମାଲ୍ କିଣିବା ଓ ବିକିବା ପାଇଁ ଏବଂ ନେଇଯିବା ପାଇଁ ଜାତୀୟ ରାଜପଥ ଲାଗିଥିବାରୁ ଜିନିଷ ଗୁଡିକ ନେବା ଆଣିବା ପାଇଁ ସୁବିଧା ହୋଇଥାଏ । କମ୍ ଖର୍ଚ୍ଚରେ ବ୍ୟବସାୟୀମାନେ ଯାତାୟତ କରିପାରିଥାନ୍ତି । ଏହି ହାଟରେ ବ୍ୟବସାୟୀ ଅଧିକ ହୋଇଥିବାରୁ ବ୍ୟବସାୟ ଭଲ ହୁଏ । ଏହି ହାଟକୁ ନୂତନ ରୂପେ ନିର୍ମାଣ କରି ହାଟର ସୌନ୍ଦର୍ଯ୍ୟକରଣ ଓ ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା, ବିଦ୍ୟୁତ୍ ସଂଯୋଗ ଇତ୍ୟାଦି କରିବା ପାଇଁ ଯୁବ ସ୍ୱାଭିମାନ ସଂଗଠନର ସଭାପତି ସ୍ମୃତିରଂଜନ ଜେନା, ୫ ନମ୍ବର କାଉନ୍ସିଲର ନିରାକାର ସ୍ୱାଇଁ, ବଗଡା ସରପଂଚ ସୁବୁନି ସାହୁ, ଆଦିକନ୍ଦ ରାଉଳ, ପ୍ରତାପ କୁମାର ନାୟକ, ଧବଳେଶ୍ୱର ବରାଳ, ଜୟପ୍ରକାଶ ସ୍ୱାଇଁ, ଅମରେନ୍ଦ୍ର ଦାସ, ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ସମେତ ମାନସ ରଞ୍ଜନ ପ୍ରଧାନ, ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ହୋଇ ଦାବି କରିଥିଲେ । କେନ୍ଦ୍ରାପଡା ଜିଲ୍ଲାର ଗୋପହାଟ ଏକ ବ୍ୟବସାୟ ର ପେଣ୍ଠସ୍ଥଳୀ ଥିବାରୁ ଏହି ହାଟକୁ ନୂତନ ରୂପେ ଆଧୁନିକୀକରଣ କଲେ ସମଗ୍ର ଜିଲ୍ଲାବାସୀ ଉପକୃତ ହେବେ ।

ଭିଜିଲାନ୍ସ ଜାଲରେ ଭାପୁର ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ

ଭୁବନେଶ୍ୱର,୧୯/୫(ନି/ପ୍ର) : ଭିଜିଲାନ୍ସ ଜାଲରେ ଭାପୁର ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ । ନୟାଗଡ଼ ଜିଲ୍ଲା ଭାପୁର ଗ୍ରାମ୍ୟ କାର୍ଯ୍ୟ (ଆରଡବ୍ଲୁ) ସେକ୍ସନର ଜୁନିୟର ଇଞ୍ଜିନିୟର ଶ୍ରୀ କେଶବ ସୁବୁଦ୍ଧି ଏବଂ ତାଙ୍କ ସହଯୋଗୀ ଶ୍ରୀ ଆଶୁତୋଷ ବଳିଆରସିଂହଙ୍କୁ ଭିଜିଲାନ୍ସ ଲାଂଚ ଦାବି ଓ ଗ୍ରହଣ କରୁଥିବାବେଳେ ଗିରଫ କରିଛି । ସେମାନେ ଜଣେ ଠିକାଦାରଙ୍କ ଠାରୁ ରୁ. ୧,୩୬,୦୦୦/- ଲାଂଚ ନେଉଥିଲେ । ଏହି ଲାଂଚ ରାଶି ୨୦୨୧-୨୨ ମସିହାରେ ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ଅଂଚଳରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ କରାଯାଇଥିବା ନିର୍ମାଣ ଓ ରକ୍ଷଣାବେକ୍ଷଣ କାମର ବିଲ୍ ପାସ କରିବା ଏବଂ ସିକ୍ୟୁରିଟି ଡିପୋଜିଟ୍ ଫେରସ୍ତ ପାଇଁ ଦାବି କରାଯାଇଥିଲା । ସରକାରୀ ନିୟମାନୁସାରେ, ରକ୍ଷଣାବେକ୍ଷଣ ସମୟ ସମାପ୍ତ ହେବା ପରେ ଆରମ୍ଭିକ ସିକ୍ୟୁରିଟି ଡିପୋଜିଟ୍ ସହିତ ସିକ୍ୟୁରିଟି ଡିପୋଜିଟ୍ ଠିକାଦାରଙ୍କୁ ଫେରାଇ ଦିଆଯାଏ । କିନ୍ତୁ ଯଦି ରକ୍ଷଣାବେକ୍ଷଣ କାମର ମାପଜୋଗ ହୋଇନଥାଏ, ତେବେ ଏହି ରାଶି ଜବତ ହୋଇଯାଏ । ଠିକାଦାର ଗତ ୩/୪ ମାସ ଧରି ରକ୍ଷଣାବେକ୍ଷଣ କାମ ସମାପ୍ତ ହେବା ପରେ ମାପଜୋଗ କରି ସିକ୍ୟୁରିଟି ରାଶି ମୁକ୍ତ କରିବା ପାଇଁ ଅଭିଯୁକ୍ତ ଜେଇ ଶ୍ରୀ ସୁବୁଦ୍ଧିଙ୍କୁ ଅନୁରୋଧ କରୁଥିଲେ । କିନ୍ତୁ ଶ୍ରୀ ସୁବୁଦ୍ଧି ଏହି କାମ ପାଇଁ ଠିକାଦାରଙ୍କୁ ୧.୩୬ ଲକ୍ଷ ଲାଂଚ ଦାବି କରିଥିଲେ । ଲାଂଚ ଦାବିରେ ଅସନ୍ତୁଷ୍ଟ ହୋଇ ଠିକାଦାର ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ସମସ୍ତ ଘଟଣା ଜଣାଇଥିଲେ । ଆଜି ଶ୍ରୀ ସୁବୁଦ୍ଧି ଠିକାଦାରଙ୍କୁ ଖଣ୍ଡପଡ଼ାସ୍ଥିତ ତାଙ୍କ ସରକାରୀ କ୍ୱାର୍ଟରକୁ ଡାକିଥିଲେ ଏବଂ ସେଠାରେ ଉପସ୍ଥିତ ତାଙ୍କ ସହଯୋଗୀ ଶ୍ରୀ ଆଶୁତୋଷ ବଳିଆରସିଂହଙ୍କୁ ଲାଂଚ ରାଶି ହସ୍ତାନ୍ତର କରିବାକୁ କହିଥିଲେ । ଏହା ପରେ ଓଡ଼ିଶା ଭିଜିଲାନ୍ସର ଏକ ଟିମ୍ ୧.୩୬ ଲକ୍ଷ ଲଂଚ ନେଉଥିବା ସମୟରେ ଶ୍ରୀ ସୁବୁଦ୍ଧି ଏବଂ ଶ୍ରୀ ବଳିଆରସିଂହଙ୍କୁ ଧରିଥିଲା । ସମ୍ପୂର୍ଣ୍ଣ ଲାଂଚ ରାଶି ରୁ. ୧.୩୬ ଲକ୍ଷ ଜବତ କରାଯାଇଛି । ଏହା ପରେ ଶ୍ରୀ ସୁବୁଦ୍ଧିଙ୍କ ସହ ଜଡିତ ଦୁଇଟି ସ୍ଥାନରେ ସମକାଳୀନ ଚଢ଼ାଉ ଚାଲିଛି । ଏହି ସମ୍ବନ୍ଧରେ ଭୁବନେଶ୍ୱର ଭିଜିଲାନ୍ସ ଥାନା କେସ୍ ନଂ. ୦୭ ତାରିଖ ୧୬.୦୫.୨୦୨୬ ଅନୁଯାୟୀ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ, ୨୦୧୮ ର ଧାରା ୭ ଅନୁସାରେ ମାମଲା ରୁଜୁ କରାଯାଇଛି ।

ଠିକା କାମକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ : ସରକାରୀ ଠିକାଦାରଙ୍କ ଉପରେ ମରଣାନ୍ତକ ଆକ୍ରମଣ

ରାଉରକେଲା,୧୯/୫(ନି/ପ୍ର) : ସୋମବାର ସନ୍ଧ୍ୟାରେ ଉଦିତନଗର ଫିଟନେସ୍ ପାର୍କରେ ଠିକା କାମକୁ କେନ୍ଦ୍ର କରି ଠିକାଦାରଙ୍କ ଉପରେ ମରଣାତ୍ମକ ଆକ୍ରମଣ ହୋଇଛି ବୋଲି ଉଦିତନଗର ଅଭିଯୋଗ କରାଯିବା ସହିତ ଆକ୍ରମଣକାରୀଙ୍କ ଗିରଫ ଦାବିରେ ଥାନା ଆଗରେ ଧାରଣାରେ ବସିଛନ୍ତି ଠିକାଦାର ସଂଘ । ସୂଚନା ଅନୁସାରେ ସୋମବାର ସନ୍ଧ୍ୟାରେ ଠିକାକାମକୁ କେନ୍ଦ୍ର କରି ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସୁବାଷ ଚନ୍ଦ୍ର ବୋଷ ଫିଟନେସ୍ ପାର୍କରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମାଡପିଟ ହୋଇଥିଲା । ଗୋଟିଏ ଗୋଷ୍ଠୀର ମାଡରେ ଅନ୍ୟ ଗୋଷ୍ଠୀର ତାପସ ଆଚାର୍ଯ୍ୟ, ରମେଶ ଜେନା, ପ୍ରତାପ ସାହୁ ଏବଂ ବୁଲୁ ଭୂୟାଁ ଆହତ ହୋଇଥିଲେ । ଠିକାଦାର ତାପସ ଆଚାର୍ଯ୍ୟଙ୍କ ମୁହଁରେ ଗଭୀର ଆଘାତ ଲାଗିଥିଲା । ଘଟଣାକୁ କେନ୍ଦ୍ରକରି ଉଦିତନଗର ଥାନାରେ ଶତାଧିକ ଠିକାଦାର ପହଚିଂ ଆକ୍ରମଣକାରୀଙ୍କୁ ଗିରଫ କରିବା ଦାବି କରି ଧାରଣାରେ ବସିଥିଲେ । ଯାହାକୁ ନେଇ ଥାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା ପୁଲିସ ଉତେଜିତ ରାଉରକେଲା ଠିକାଦାର ସଂଘର କର୍ମକର୍ତ୍ତାଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ବାରିପଦା ଓ ରାଉରକେଲା ଠିକାଦାର ସଂଘର ଲିଖିତ ଅଭିଯୋଗ ଆଧାରରେ ଉଦିତନଗର ପୁଲିସ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରିଛି । ପୁଲିସ ରାଉରକେଲା ଠିକାଦାର ସଂଘର ଆବାହକ ଆହତ ତାପସ, ରମେଶ, ପ୍ରତାପ ଓ ଅପରଗୋଷ୍ଠୀର ବୟାନ ଆଧାରରେ ଘଟଣାର ତଦନ୍ତ ଚଳାଇଛି । ସୂଚନା ଅନୁଯାୟୀ ରାଉରକେଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ଦୁଇ କୋଟିର ରାସ୍ତା କାମ ପାଇଁ ଟେଣ୍ଡର ବାହାରିଥିଲା । ବାରିପଦାର ସତ୍ୟେନ୍ଦ୍ର ପ୍ରସାଦଙ୍କ କିଛି ସହଯୋଗୀ ଟେଣ୍ଡର ପକାଇଥିଲେ । ଯାହାକୁ ରାଉରକେଲା ଠିକାଦାର ସଂଘ ବିରୋଧ କରିଥିଲା । ବିବାଦ ହେବାରୁ ଆପୋଷ ସମାଧାନ ପାଇଁ ଦୁଇ ପକ୍ଷଙ୍କର ଆଜି ଫିଟ୍‌ନେସ୍ ପାର୍କରେ ବୈଠକ ବସିଥିଲା । ତାପସ ଆଚାର୍ଯ୍ୟ, ରମେଶ ଜେନା, ବିଜୟ ପ୍ରଧାନ, ପ୍ରତାପ ସାହୁ, ବୁଲୁ ଭୂୟାଁଙ୍କ ସମେତ ୮ ଜଣ ସେଠାରେ ଉପସ୍ଥିତ ଥିଲେ । ବାରିପଦା ଠିକାଦାର ସତ୍ୟେନ୍ଦ୍ର ପ୍ରସାଦ ଓ ତାଙ୍କର କିଛି ସହଯୋଗୀ ଓ ଦୁଇ ଅଙ୍ଗରକ୍ଷୀ ସେଠାରେ ପହଚିଂଥିଲେ । ତାପସଙ୍କ ଲିଖିତ ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, ସତ୍ୟେନ୍ଦ୍ର ଓ ତାଙ୍କ ଦୁଇ ସହଯୋଗୀ ସମାଧାନ ପରିବର୍ତ୍ତେ ପାଟିତୁଣ୍ଡ କରିଥିଲେ । ସତ୍‌ଯେନ୍ଦ୍ରଙ୍କ ଦୁଇ ସହଯୋଗୀଙ୍କ ମଧ୍ୟରୁ ଜଣେ ସହଯୋଗୀ ଠିକାଦାର ତାପସଙ୍କୁ ମାରିଦେବାକୁ ଧମକ ଦେବା ସହ ଟିପା ଛୁରୀରେ ଆକ୍ରମଣ କରିଥିଲେ । ତାପସଙ୍କ ମୁହଁ ତଳେ ଗଭୀର ଆଘାତ ଲାଗିଥିଲା । ପ୍ରତାପ, ସୂର୍ଯ୍ୟକାନ୍ତ, ବିଜୟ, ରମେଶ ପ୍ରତିବାଦ କରିବାରୁ ସେମାନଙ୍କୁ ମଧ୍ୟ ଆକ୍ରମଣ କରିଥିଲେ ବାରିପଦା ଠିକାଦାର ସତ୍‌ଯେନ୍ଦ୍ରଙ୍କ ସହଯୋଗୀ । ଖବର ପାଇ ପୁଲିସ ପହଚିଂବା ପରେ ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରିଥିଲେ ହେଁ କିଛି ସୁଫଳ ହୋଇନଥିଲା । ଏହି ଘଟଣା ପରେ ରାଉରକେଲା ଠିକାଦାର ସଂଘର ଶତାଧିକ ଠିକାଦାର ଉଦିତନଗର ଥାନାରେ ପହଚିଂ ଆକ୍ରମଣକାରୀଙ୍କୁ ଗିରଫ ଦାବି କରିଥିଲେ । ତେବେ ଦୁଇ ଗୋଷ୍ଠୀର ବିବାଦ ଉପରେ ପୁଲିସ କି ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି ।

ବିଜୁ ଏକ୍ସପ୍ରେସୱେ ରାଜ୍ୟ ରାଜପଥ-୧୦ରେ ଡିଭାଇଡରକୁ ବାଇକ୍ ଧକ୍କା ଦେଇ ୨ ଛାତ୍ରଙ୍କ ମୃତ୍ୟୁ

ରାଉରକେଲା, ୧୯/୫: ମଙ୍ଗଳବାର ଦିନ ବାଇକ ଦୁର୍ଘଟଣାରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି । ଘଟଣାକୁ ନେଇ ରାଜଗାଙ୍ଗପୁର ଏବଂ ରାଉରକେଲାରେ ଉତ୍ତେଜନା ପ୍ରକାଶ ପାଇଛି । ସୂଚନା ଅନୁସାରେ, ଆଜି ରାଉରକେଲାରୁ ସମ୍ବଲପୁର ଯାଇଥିବା ବିଜୁ ଏକ୍ସପ୍ରେସୱେ, ଏସ୍‌ଏଚ୍-୧୦ର ଡିଭାଇଡରକୁ ଦୁଇ ଜଣ +୩ (ଯୁକ୍ତ ତିନି) ଛାତ୍ର ବାଇକ୍ ଯୋଗେ ଯାଉଥିବା ସମୟରେ ଧକ୍କା ଦେବା ଫଳରେ ମୃତ୍ୟୁବରଣ କରିଛନ୍ତି । ଜଣେ ମୃତ ଯୁବକ ରାଜଗାଙ୍ଗପୁରର ବାନ୍ଧୁପଡ଼ା ଅଚଂଳର ବାସିନ୍ଦା ହୋଇଥିବା ବେଳେ ଅନ୍ୟ ଜଣକ ରାଉରକେଲା ସେକ୍ଟର-୨ ଅଚଂଳର ବୋଲି ଜଣାପଡିଛି । ସେମାନେ ଯୁକ୍ତ ତିନି ପାଠ ପଢୁଥିଲେ । ମୃତକଙ୍କ ନାମ ଗୌରବ ଏବଂ ଚନ୍ଦନ ବୋଲି ଜଣାପଡିଛି । ଦୁର୍ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ପ୍ରାଥମିକ ସୂଚନା ଅନୁଯାୟୀ ବାଇକଟି ରାସ୍ତାର ଡିଭାଇଡରକୁ ଧକ୍କା ଦେଇଥିଲା । ଫଳରେ ଏକ ଗୁରୁତର ଦୁର୍ଘଟଣା ଘଟିଥିଲା । ଦୁର୍ଘଟଣା ପରେ ତୁରନ୍ତ ଆହତ ହୋଇଥିବା ଉଭୟ ଛାତ୍ରଙ୍କୁ ରାଜଗାଙ୍ଗପୁର ଡାକ୍ତରଖାନାକୁ ପଠାଯାଇଥିଲା । ସେଠାରେ ଡାକ୍ତର ସେମାନଙ୍କୁ ମୃତ ବୋଲି ଘୋଷଣା କରିଥିଲେ । ଏହି ହୃଦୟବିଦାରକ ଘଟଣା ରାଜଗାଙ୍ଗପୁରରେ ଶୋକର ଛାୟା ଖେଳାଇ ଦେଇଛି । ଦୁଇ ଯୁବ ଛାତ୍ରଙ୍କ ଅକାଳ ମୃତ୍ୟୁରେ ସମ୍ପର୍କୀୟ, ବନ୍ଧୁ ଏବଂ ସ୍ଥାନୀୟ ବାସିନ୍ଦା ଶୋକ ପ୍ରକାଶ କରିଛନ୍ତି । ଦୁର୍ଘଟଣାର ସଠିକ୍ କାରଣ ନିର୍ଣ୍ଣୟ କରିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି ।

କାର୍ଲମାର୍କସ ଜୟନ୍ତୀ ଓ ବିଷ୍ଣୁ ମହାନ୍ତିଙ୍କୁ ସାରସ୍ୱତ କବିତାଞ୍ଜଳି

ରାଉରକେଲା,୧୯/୫(ନି/ପ୍ର): ଓଡ଼ିଆ ଭାଷା ବିକାଶ ମଚଂ ଆନୁକୂଲ୍ୟରେ କଲଚରାଲ ଏକାଡେମୀ ପରିସରରେ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱ ଓ ସଭାପତି ପ୍ରଶାନ୍ତ କୁମାର ପତିଙ୍କ ଅଧକ୍ଷତାରେ କାର୍ଲ ମାର୍କସ ଜୟନ୍ତୀ ଏବଂ ସ୍ୱର୍ଗତ ବିଷ୍ଣୁ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମାର୍କସୀୟ ଚେତନାର ବ୍ୟାଖ୍ୟାକାର ତଥା ସାମାଜିକ କର୍ମୀ ପଶୁପତିନାଥ ଚାଟାର୍ଜୀ ଏବଂ ଗଗନ ବିହାରୀ ଧଳ ଯଥାକ୍ରମେ ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିଲେ । ଏହି ଅବସରରେ ବିଷ୍ଣୁ ମହାନ୍ତିଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ସହ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା । ପ୍ରାରମ୍ଭିକ ଅଭିଭାଷଣରେ ଶ୍ରୀ ମହାପାତ୍ର ବିଷ୍ଣୁ ମହାନ୍ତିଙ୍କ ସୁଦୀର୍ଘ କର୍ମମୟ ଜୀବନର ସ୍ମୃତିଚାରଣ ପୂର୍ବକ ଆଚଂଳିକ ଓ ଜାତୀୟ ଆନ୍ଦୋଳନରେ ସେ ନଥିଲା ବାଲାଙ୍କ ପକ୍ଷରେ ରହି ତାଙ୍କର ସାଲିସ୍ ବିହୀନ ସଂଗ୍ରାମକୁ କିପରି ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଜାରି ରଖିଥିଲେ ସେ ସଂପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଶ୍ରୀ ଧଳ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତିଚାରଣ ସହିତ ଦାସ କ୍ୟାପିଟାଲର ବିଜ୍ଞାନ ସମ୍ମତ ଗଭୀର ସମାଜବାଦୀ ଦର୍ଶନ ବିଶ୍ୱ ଶାସନତନ୍ତ୍ରରେ ଓ ସମାଜତନ୍ତ୍ରରେ କି କି ପ୍ରଭାବ ପକାଉଛି ସେ ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟଅତିଥି ଶ୍ରୀ ଚାଟାର୍ଜୀ ମାର୍କସୀୟ ଚେତନା ଏକ ସ୍ଥାଣୁ ଦର୍ଶନ ନୁହେଁ, ଏହା ଏକ କ୍ରମବର୍ଦ୍ଧିଷ୍ଣୁ ତତ୍ୱ । ବିଶ୍ୱର ଅଗଣିତ ନିଷ୍ପେସିତ ଜନତାର ଦୁଃଖ ଦୁର୍ଦ୍ଦଶାର ହେତୁ ନିର୍ଣ୍ଣୟ ଓ ତା'ର ପ୍ରତିକାର ବିଧାନ ହିଁ ତାଙ୍କ ଗବେଷଣା ଗ୍ରନ୍ଥର ମୁଖ୍ୟଲକ୍ଷ୍ୟ ଥିଲା ବୋଲି ମନ୍ତବ୍ୟ ପ୍ରଦାନ କରିଥିଲେ । ସଭାପତି ଶ୍ରୀ ପତି ସମସ୍ତ ବକ୍ତାଙ୍କର ବକ୍ତବ୍ୟକୁ ଅତି ସଂକ୍ଷେପରେ ଉପସ୍ଥାପନ କରି ପୁଞ୍ଜିବାଦୀ, ଫାସୀବାଦୀ ଓ ସାମ୍ରାଜ୍ୟବାଦୀ ନିୟନ୍ତ୍ରଣହୀନ ଅର୍ଥନୀତି କିପରି ବିଶ୍ୱ ଦାରିଦ୍ର୍ୟର କାରଣ ପାଲଟିଥିଲା ଓ ମାର୍କସଙ୍କ ଗବେଷଣା ଉଦାର ମାନବତାର ପ୍ରତିଷ୍ଠା ପାଇଁ ରାଷ୍ଟ୍ରର କିପରି ଅପରିହାର୍ଯ୍ୟ କର୍ତ୍ତବ୍ୟ ରହିଛି ସେ ସଂପର୍କରେ ଆଲୋଚନା ରଖିଥିଲେ । ପରେ ବିଷ୍ଣୁ ମହାନ୍ତିଙ୍କୁ ସମର୍ପିତ କାବ୍ୟସଂଧ୍ୟା ଯୁବକବି ଗୌତମ ଦାସଙ୍କ ସଂଯୋଜନାରେ ଡା କୃପାସିନ୍ଧୁ ନାୟକ, ପ୍ରଶାନ୍ତ କୁମାର ପତି, ପ୍ରତାପ କୁମାର ପଣ୍ଡା, ଅଙ୍ଗୁରବାଳା ପରିଡ଼ା, ପରେଶ ବିଶ୍ୱାଳ, ବଳରାମ ରାଉଳ, ଧୋବେଇ ବେହେରା, ଆଲୋକ ବୋଷ, ଗୀତାରାଣୀ ବେହେରା, ଅର୍ଚ୍ଚନା ପାତ୍ର, ସଂଜୀବ ଭୋଇ, ନିକୁଞ୍ଜ ବିହାରୀ ଦାସ, ତ୍ରିଲୋଚନ ସ୍ୱାଇଁ, ଶିବପ୍ରସାଦ ଦାସ, ଧନଞ୍ଜୟ ମଲ୍ଲିକ, ଶ୍ରୀଧର ସୁନା ପ୍ରମୁଖ କବିତା ପାଠ କରିଥିଲେ । ଏହି ଅବସରରେ ଆଲୋଚକ ରୂପେ ବିମାନ ମାଇତି ଓ ରାଜୀବ ପାଣି ବିଷ୍ଣୁ ମହାନ୍ତିଙ୍କ ଉପରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ପ୍ରହଲ୍ଲାଦ ଦାସ, ନଳିନୀକାନ୍ତ ଧର, ରାଧାମୋହନ ନାୟକ, ନୃସିଂହ ଚରଣ ବିଶ୍ୱାଳ, ଉପେନ୍ଦ୍ର କୁମାର ବସ୍ତିଆ, ସୁକାନ୍ତ ଚନ୍ଦ୍ର ଖୁଟିଂଆ, ସସ୍ମିତା ପ୍ରଧାନ, କାଶୀନାଥ ପାତ୍ର, ଗଙ୍ଗାଧର ପୁହାଣ, ବାସୁଦେବ ସାହୁ, ପ୍ରକାଶ ଚନ୍ଦ୍ର ସେଠୀ ପ୍ରମୁଖ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

ଭଦ୍ରକ ଜିଲା ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ,୧୯/୫(ନି/ପ୍ର): ପ୍ରକୃତ ମଣିଷଟିଏ ମୃତ୍ୟୁ ପର୍ଯ୍ୟନ୍ତ ଜ୍ଞାନ ଆହୋରଣ କରିଥାଏ । ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ସାଜିଛନ୍ତି ଭଦ୍ରକ ଜିଲାପାଳ । ପ୍ରଶାସନିକ ବ୍ୟବସ୍ଥାର ଗୁରୁଦାୟିତ୍ୱ ତୁଲାଇ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇତିହାସରେ ଏବେ ପିଏଚ୍‌ଡି ଡିଗ୍ରୀ ହାସଲ କରିଛନ୍ତି । ପ୍ରଶାସନିକ ବ୍ୟବସ୍ଥାରେ ସମସ୍ତ ଚାପ ରହିବା ସତ୍ୱେ ଜ୍ଞାନ ଆହୋରଣ ପ୍ରତି ଆଗ୍ରହ ତାଙ୍କୁ ଏହି ସଫଳତାର ଶୀର୍ଷରେ ପହଂଚାଇଛି । ତାଙ୍କର ଏହି ସଫଳତା ଯୁବ ପିଢିଙ୍କ ପାଇଁ ଏକ ବାର୍ତ୍ତା । ପରିସ୍ଥିତି ଯେତେ ଜଟିଳ ହେଉନା କାହିଁକି, ଇଚ୍ଛାଶକ୍ତି ଅଧ୍ୟାବସାୟ ଥିଲେ ସ୍ୱପ୍ନ ସାକାର ହୁଏ ବୋଲି ଆଜି ଭଦ୍ରକ ଜିଲା ବରିଷ୍ଠ ନାଗରିକ ମହାସଂଘ ତରଫରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମତ ପ୍ରକାଶ ପାଇଛି । ଜିଲାପାଳ ଡଃ ଦିଲୀପ ରାଉତରାଏ ଡକ୍ଟୋରେଟ୍ ଉପାଧି ପାଇବା ପରେ ଆଜି ସଦ୍‌ଭାବନା ଗୃହରେ ମହାସଂଘ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ସାଇବର ଆଇନ୍ ଉପରେ ଆଲୋଚନାଚକ୍ର

ରାଉରକେଲା,୧୯/୫(ନି/ପ୍ର): ରାଉରକେଲା ଓକିଲ ସଂଘ ଓ କଳିଙ୍ଗ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ସାଇବର ଆଇନ୍ ଓ ଡିଜିଟାଲ ଗଭରର୍ଣ୍ଣାନ୍ସ ଶୀର୍ଷକ ଏକ ଆଲୋଚନାଚକ୍ର ଆଇଟିଡିଏ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି । ରାଉରକେଲା ଓକିଲ ସଂଘର ସଭାପତି ସଦାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଲୋଚକ ଭାବେ ବରିଷ୍ଠ ଆଇନଜୀବୀ ସୁଜୟ କୁମାର ପାଣି, ରବିଶଙ୍କର ମିଶ୍ର, ପୂର୍ବତନ ରାଉରକେଲା । ବନଖଣ୍ଡ ଅଧିକାରୀ ଯଶୋବନ୍ତ ସେଠୀ, କଳିଙ୍ଗ ବିଶ୍ୱବିଦ୍ୟାଳୟ, ରାୟପୁର ର ଆଇନ ବିଭାଗ ସହାୟକ ପ୍ରଫେସର ବଂଶିକା କପୁର ପ୍ରମୁଖ ଯୋଗଦେଇ ସାଇବର ଆଇନ୍ ଓ ସାଇବର ଅପରାଧ ସହ ଡିଜିଟାଲ ଗଭରର୍ଣ୍ଣାନ୍ସ ଉପରେ ବ୍ୟାପକ ଆଲୋଚନା କରିଥିଲେ । ସାଇବର ଅପରାଧି ମାନେ ବିଭିନ୍ନ କୌଶଳରେ ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ବିପୁଳ ପରିମାଣରେ ଅର୍ଥ ଲୁଟ କରି ଚାଲିଛନ୍ତି, ଅନ୍ୟପଟେ ସାଇବର ଅପରାଧ ରୋକିବା ପାଇଁ ଥିବା ଆଇନଗତ ଦଣ୍ଡବିଧାନ ସେତେକିମାତ୍ରାରେ ସଶକ୍ତ ହୋଇ ପାରିନଥିବାରୁ ଏବଂ ପୁଲିସର ତଦନ୍ତ ପ୍ରକ୍ରିୟା ଶିଥଳ ରହୁଥବାରୁ ଅପରାଧମାନେ ସହଜରେ ସାଇବର ଅପରାଧ ଘଟାଇ ଖସି ଯାଉଛନ୍ତି । ଏଣୁ ସରକାରଙ୍କ ପକ୍ଷରୁ ସାଇବର ଅପରାଧ ରୋକିବା ପାଇଁ ବ୍ୟାପକ ଜନସଚେତନତା କରିବାର ଆବଶ୍ୟକ?ତା ରହିଛି । ସାଇବର ଅପରାଧର ଅଧିକାଂଶ ମାମଲା ବର୍ଷ ବର୍ଷ ଧରି ତଦନ୍ତ ପ୍ରକ୍ରିୟା ସରୁନାହିଁ, ଫଳରେ ବହୁମାମଲା ବିଚାର ନହୋଇ ପଡି ରହିଛି । ସେଥିପାଇଁ ସାଇବର ଠକେଇର ଶିକାର ହେଉଥିବା ବ୍ୟକ୍ତି ଓ ଅନୁଷ୍ଠାନ ଆଇନଗତ ନ୍ୟାୟ ପାଇବାରୁ ବଂଚିତ ହେଉଛନ୍ତି । ଏଣୁ ସାଇବର ଥାନା ଅଧିକ ଖୋଲିବା ସହିତ ଦକ୍ଷ ତଦନ୍ତକାରୀ ଅଧିକାରୀଙ୍କୁ ନିୟୋଜିତ କରି ପାରିଲେ ମୋକଦ୍ଦମା ଗୁଡିକର ବିଚାର ଶିଘ୍ର ହୋଇପାରିବ ଏବଂ ଠକେଇର ଶିକାର ହେଉଥିବା ବ୍ୟକ୍ତି ବିଶେଷ ତ୍ୱରିତ ନ୍ୟାୟ ପାଇପାରନ୍ତେ ବୋଲି ଆଲୋଚକମାନେ ମତପ୍ରକାଶ କରିଥିଲେ । ଡିଜିଟାଲ ଗଭର୍ଣ୍ଣାନ୍ସ ଦ୍ୱାରା ସାଧାରଣ ଜନତା ବହୁ ଉପକୃତ ହୋଇ ପାରୁଛନ୍ତି, ଏହାର ଅଧିକ ସଫଳ ରୂପାୟନ ପାଇଁ ସଚେତନତା କାର୍ଯ୍ୟକ୍ରମ ସରକାର ନିଜ ହାତକୁ ନେବା ଆବଶ୍ୟକତା ଅଛି ବୋଲି ମଧ ମତପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମରେ କଳିଙ୍ଗ ବିଶ୍ୱବିଦ୍ୟାଳୟର ଉପ-ପରିଚାଳିକା ବନଜା ଦଳେଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଉରକେଲା ଓକିଲ ସଂଘର ସମ୍ପାଦକ ଦେବାନନ୍ଦ ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଆଇନଜୀବୀ ଏମ.ମାଲେଶ୍ୱରମ, ଅନନ୍ତ ନାରାୟଣ ସାହୁ ଏବଂ ପ୍ରଦୀପ୍ତ କୁମାର ରାଉତ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ଆଇନଜୀବୀ ଏମ.ଏସ ପୁରଣ, ତାପସ ପରିଡ଼ା, ପବିତ୍ର ଜେନା, ସୁମିତା ନନ୍ଦ, ଅନୁସୂୟା ପଣ୍ଡା, ରାଜଶ୍ରୀ ମିଶ୍ର, ଲକ୍ଷ୍ମୀ ମାଝୀ, ହରି ଲିଙ୍ଗମ୍ ଦୋରା, ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ ।

ସରସ୍ୱତୀ ବିଦ୍ୟାମନ୍ଦିର ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ

ରାଉରକେଲା,୧୯/୫ (ନି/ପ୍ର): ସେକ୍ଟର-୬ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚଳିତ ଶିକ୍ଷାବର୍ଷରେ ରାଉରକେଲା ଶିକ୍ଷା ଜିଲ୍ଲାର ପ୍ରାୟ ୧୫ଟି ସରକାରୀ ଓ ଘରୋଇ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ବୋର୍ଡ ପରୀକ୍ଷାରେ ଉତ୍ତମ ଫଳ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ରାଉରକେଲା ସହ ସଂଘ ଚାଳକ ବେଣୁ ଗୋପାଳ ମାଲାନି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁରେନ୍ଦ୍ର କୁମାର ଶତପଥୀ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ । ବିଦ୍ୟା ମନ୍ଦିରର ଉପସଭାପତି ଅଧ୍ୟାପକ ମାନସ ରଞ୍ଜନ ବେହେରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷାଦାନ ପଦ୍ଧତି ଓ ଉତ୍ତମ ନାଗରିକ ଗଠନ ନିମନ୍ତେ ନିଆଯାଉଥିବା ପଦକ୍ଷେପ ଗୁଡ଼ିକ ଉପରେ କହିଥିଲେ । ରାଉରକେଲା ସଂକୁଳ ପ୍ରମୁଖ ଗୋଦାବରୀଶ ଶତପଥୀ ଯୁବପିଢୀ ଉତ୍ତମ ଶିକ୍ଷା ପାଇଲେ ଦେଶ ପ୍ରଗତିରେ ସହାୟକ ହୋଇପାରିବ ବୋଲି କହିଥିଲେ । ଏହା ସହ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଯୁକ୍ତ ଦୁଇ ର ବିଜ୍ଞାନ, ବାଣିଜ୍ୟ, କଳା ବିଭାଗ ଖୋଲିବା ପାଇଁ ପ୍ରୟାସ ଜାରି ସହ ଏଥିପାଇଁ ଏକ ଷ୍ଟୁଡେଣ୍ଟ ହେଲପିଂ ସେଣ୍ଟର୍ ରହିବା ସମ୍ପର୍କରେ ସୂଚନା ଦେଇଥିଲେ । ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ସହକାରୀ ପ୍ରଫେସର ଡ ବିଶ୍ୱନାଥ ପରିଜା ଛାତ୍ର ଛାତ୍ରୀଙ୍କୁ ସମ୍ମାନିତ କରିଥିଲେ । ସୂଚନାଯୋଗ୍ୟ ଯେ ପୂର୍ବରୁ ୪ ତାରିଖରେ ପ୍ରଥମ ମେଧାବୀ ସମ୍ମାନ ପ୍ରଦାନ କରାଯାଇଥିଲା । ସଭାପତି ମିତ୍ରଭାନୁ ପଣ୍ଡା ଛାତ୍ର ଛାତ୍ରୀଙ୍କୁ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାମନ୍ଦିରର ଆଚାର୍ଯ୍ୟା ସୁମିତ୍ରା ମିଶ୍ର ମଚଂ ପରିଚାଳନା କରିଥିବା ବେଳେ ଆଚାର୍ଯ୍ୟ ପ୍ରମୋଦ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପେନ୍ଦ୍ରନାଥ ଦାସ, ଦୀନବନ୍ଧୁ ରଥ, ଶୁଭଲକ୍ଷ୍ମୀ ବେହେରା, ଶ୍ରୀମାନ ସତ୍ୟଜିତ, ସମ୍ପାଦକ କରୁଣାକର ପାଟ୍ଟଶାଣୀଙ୍କ ସମେତ ବିଦ୍ୟାମନ୍ଦିରର ସମସ୍ତ ଗୁରୁମା ଗୁରୁଜୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟ ଏବଂ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ସମାରୋହ

ରାଉରକେଲା,୧୯/୫ (ନି/ପ୍ର) :ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟ ଏବଂ ସେଲ୍, ରାଉରକେଲା ଇସ୍ପାତ କାରଖାନା ର ମିଳିତ ଆନୁକୂଲ୍ୟରେ ୧୭ ମଇ ୨୦୨୬ ତାରିଖ ରେ ଓଡ଼ିଶାର କିମ୍ବଦନ୍ତୀ କବି, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳନ ଅବସରରେ ରାଉରକେଲାର ସେକ୍ଟର-୫ ସ୍ଥିତ ଭଞ୍ଜ ଭବନ ପ୍ରେକ୍ଷାଳୟ ସାହିତ୍ୟିକ ଆବେଗ ଏବଂ ସାଂସ୍କୃତିକ ଗୌରବରେ ପ୍ରକମ୍ପିତ ହୋଇଉଠିଥିଲା । ଏହି ଉତ୍ସବରେ ଆର.ଏସ୍.ପି.ର ମୁଖ୍ୟ ମହାପ୍ରବନ୍ଧକ (ଏଲ ଆଣ୍ଡ ଡି) ଶ୍ରୀ ପ୍ରମୋଦ କୁମାର ସାହୁ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟର ଉପସଭାପତି ତଥା ଆର.ଏସ୍.ପି.ର ମୁଖ୍ୟ ମହାପ୍ରବନ୍ଧକ (ଏଚ. ଆର) ଶ୍ରୀ ମାନସ ରଞ୍ଜନ ରଥ, ବି.ସି.ଟି.ର ସାଧାରଣ ସମ୍ପାଦକ ତଥା ଆର.ଏସ୍.ପି.ର ମୁଖ୍ୟ ମହାପ୍ରବନ୍ଧକ (ସି ସି ଡବ୍ଲୁ) ଶ୍ରୀ ଆଲୋକ କୁମାର ବେହେରା, ବିଶିଷ୍ଟ ସୁବକ୍ତା ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀ, ବି.ସି.ଟି.ର ସଦସ୍ୟ (ଟ୍ରଷ୍ଟି), ବହୁ ସଂଖ୍ୟାରେ ଭଞ୍ଜ ସାହିତ୍ୟ ପ୍ରେମୀ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ । ଶୁଭ ପ୍ରଦୀପ ପ୍ରଜ୍ଜ୍ୱଳନ ଏବଂ କବି ସମ୍ରାଟଙ୍କ ପ୍ରତିକୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ସନ୍ଧ୍ୟାର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଭଞ୍ଜ କଳା କେନ୍ଦ୍ରର କଳାକାରମାନେ ଏକ ସୁମଧୁର ସ୍ୱାଗତ ସଙ୍ଗୀତ ଗାନ କରି ସାରଗର୍ଭକ ବାତାବରଣ ସୃଷ୍ଟି କରିଥିଲେ । ଶ୍ରୀ ଏମ୍.ଆର୍. ରଥ ସ୍ୱାଗତ ଭାଷଣ ପ୍ରଦାନ କରି ଓଡ଼ିଶାର ସମୃଦ୍ଧ ସଂସ୍କୃତିର ପ୍ରସାର ଓ ସୁରକ୍ଷା କ୍ଷେତ୍ରରେ ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏହି ସାରସ୍ୱତ ସମାରୋହର ମୁଖ୍ୟ ଆକର୍ଷଣ ଥିଲା ମୁଖ୍ୟ ବକ୍ତା ଡାକ୍ତର କୃଷ୍ଣ କେଶବ ଷଡ଼ଙ୍ଗୀଙ୍କ ପାଣ୍ଡିତ୍ୟପୂର୍ଣ୍ଣ ଅଭିଭାଷଣ, ଯିଏ କି ନିଜର ଗଭୀର ଜ୍ଞାନ ଏବଂ ସୁଲଳିତ ବାଗ୍ମିତା ଦ୍ୱାରା ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟିକ ପ୍ରତିଭା ଉପରେ ଆଲୋଚନା କରି ଡାକ୍ତର ଷଡ଼ଙ୍ଗୀ ବୈଦେହୀଶ ବିଳାସ; ଏବଂ ଅନ୍ୟାନ୍ୟ କାଳଜୟୀ କୃତିରେ ରଚନା ଶୈଳୀର ଚମତ୍କାରିତା, ଭାଷାଗତ ଦକ୍ଷତା, ଏବଂ ଅଳଙ୍କାର ଓ ଛନ୍ଦର ଜଟିଳ ପ୍ରୟୋଗକୁ ଅତି ସୁନ୍ଦର ଭାବେ ବିଶ୍ଳେଷଣ କରିଥିଲେ । ତାଙ୍କର ପ୍ରଭାବଶାଳୀ ବକ୍ତବ୍ୟ ଭଞ୍ଜ ସାହିତ୍ୟର ଗାମ୍ଭୀର୍ଯ୍ୟକୁ ସହଜରେ ଜୀବନ୍ତ କରିଦେଇଥିଲା, ଯାହା ସଂପୂର୍ଣ୍ଣ ପ୍ରେକ୍ଷାଳୟକୁ ପ୍ରାଚୀନ ଓଡ଼ିଆ କବିତାର ସମୃଦ୍ଧ ଶୈଳୀ ଦ୍ୱାରା ଗଭୀର ଭାବେ ଅନୁପ୍ରାଣିତ କରିଥିଲା । ଏହା ପୂର୍ବରୁ ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟ ଏବଂ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ପି.କେ. ସାହୁ ନିଜ ବକ୍ତବ୍ୟରେ ଡ଼ିଆ ଅସ୍ମିତା ରକ୍ଷା କରିବା ଦିଗରେ ଭଞ୍ଜ ସାଂସ୍କୃତିକ ଟ୍ରଷ୍ଟ ଏବଂ ଆର.ଏସ୍.ପି.ର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ସମସ୍ତଙ୍କୁ ନିଜ ମାଟି ଓ ଚେର ସହିତ ଯୋଡ଼ି ହୋଇ ରହିବାକୁ ଆହ୍ୱାନ ଦେଇଥିଲେ । ଏହି ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ କବି ସମ୍ରାଟଙ୍କ ପ୍ରତି ଏକ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଥିଲା । ଦର୍ଶକମାନେ ଭଞ୍ଜ କଳା କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟର ସୁନ୍ଦର ପ୍ରଦର୍ଶନ ଉପଭୋଗ କରିଥିଲେ, ଯାହା ପରେ ଏକ ଚିତାକର୍ଷକ ଓଡ଼ିଶୀ ସଙ୍ଗୀତ ସମାରୋହ ଆୟୋଜିତ ହୋଇଥିଲା । ଏଥିରେ ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀମାନଙ୍କ ସୁମଧୁର କଣ୍ଠଦାନ କବିଙ୍କ ଅମର କବିତାଗୁଡ଼ିକୁ ଜୀବନ୍ତ କରି ମନୋରମ ପରିବେଶ ସୃଷ୍ଟି କରିଥିଲା । ଏହି ମୁଖ୍ୟ କାର୍ଯ୍ୟକ୍ରମ ପୂର୍ବରୁ ଆୟୋଜିତ ବିଭିନ୍ନ ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଏକ ପୁରସ୍କାର ବିତରଣ ଉତ୍ସବ ମାଧ୍ୟମରେ ସମ୍ମାନିତ କରାଯାଇ ଯୁବ ପ୍ରତିଭାମାନଙ୍କୁ ଉତ୍ସାହିତ କରାଯାଇଥିଲା । ଶ୍ରୀ ଆଲୋକ କୁମାର ବେହେରାଙ୍କ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ ସହିତ ଏହି ସ୍ମରଣୀୟ ସନ୍ଧ୍ୟାର ସମାପ୍ତି ଘଟିଥିଲା । କାର୍ଯ୍ୟକ୍ରମଟିକୁ ସୁଶ୍ରୀ ସୁଭଦର୍ଶିନୀ ଦାସ ସଂଯୋଜନା କରିଥିଲେ ।